e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
• ବର୍ଷ-୩୩ • ସଂଖ୍ୟା-୧୧୦ • ୨୧ ମଇ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-110 • 21st May 2026, Thursday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

୬ ବିପଦରେ କ୍ରିସ ଗେଲ୍‌ଙ୍କ ଛକା ରେକର୍ଡ




## ୭ ବିଭାଗର ୧୦ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

# ୮୫୪ କୋଟିର ପାୱାର୍ ପ୍ରୋଜେକ୍ଟକୁ ମଞ୍ଜୁରୀ

ଭୁବନେଶ୍ୱର, ୨୦।୫
ନ୍ୟୁଜ୍ ବ୍ୟୁରୋ

ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବ ଉପରେ ଆଲୋଚନା ପୂର୍ବକ ମଞ୍ଜୁରୀ ପ୍ରଦାନ କରାଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।




କ୍ୟାବିନେଟରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁସାରେ ଓଡ଼ିଶା ତାପଜ ଶକ୍ତି ନୀତି, ୨୦୦୮ର କାର୍ଯ୍ୟକ୍ଷମତାକୁ ଅଧିକ ସୁଦୃଢ କରିବା ଉଦ୍ଦେଶ୍ୟରେ ନୀତିକୁ ଅଧିକ ଆକର୍ଷଣୀୟ କରିବା ଏବଂ ସୁଚାରୁ ରୂପରେ ଏହାର କାର୍ଯ୍ୟାନ୍ୱୟନ କରିବା ପାଇଁ ନିମ୍ନଲିଖିତ ସଂଶୋଧନଗୁଡ଼ିକୁ ଭବିଷ୍ୟତ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରାଯାଇଛି।

୮୫୪ କୋଟିର ପାୱାର୍ ପ୍ରୋଜେକ୍ଟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଓପିଟିସିଏଲ ୪୦୦ କେଭି ଗ୍ରୀଡ୍ ଷ୍ଟେସନ୍ ଓ ଟ୍ରାନ୍ସମିସନ୍ ଲାଇନ୍ ପ୍ରତିଷ୍ଠା କରିବ। ସେହିପରି ଥର୍ମାଲ୍ ପାୱାର ପଲିସିର ସଂଶୋଧନ କରାଯାଇଛି। ଭବିଷ୍ୟତ ଆଇପିପିରୁ ରାଜ୍ୟକୁ ୫% ବିଜୁଳି ମିଳିବ, ଆଗରୁ ୧୪%/୧୨% ଥିଲା। ଭବିଷ୍ୟତ ଆଇପିପି ସହ ପ୍ରସ୍ତାବିତ ଏମଓୟୁ ଶୀର୍ଷକକୁ ସଂଶୋଧନ କରି ପ୍ରସ୍ତାବିତ ଶବ୍ଦକୁ ବିଲୋପ କରାଯାଇଛି। ଏହା ପରିବର୍ତ୍ତେ ଭବିଷ୍ୟତ ଆଇପିପି ସହ ଏମଓୟୁ ଭାବେ ପରିବର୍ତ୍ତିତ ହେବ। ପେଟ୍ରୋଲ୍ ପମ୍ପ୍ ଲାଇସେନ୍ସ ସହଜ କରାଯାଇଛି। ରିଟେଲ୍ ସେଲ୍ ଲାଇସେନ୍ସ ଆଉ ଦରକାର ନାହିଁ। (ପୃଷ୍ଠା ୭ରେ)

## ମେଲୋନିଙ୍କୁ 'ମେଲୋଡି ଚକୋଲେଟ୍' ଦେଲେ ମୋଦୀ

# ଇଟାଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟସ୍ୱାଗତ

ନୂଆଦିଲ୍ଲୀ, ୨୦।୫

ଏବେ ଇଟାଲୀ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଠାରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ତାଙ୍କର ଭବ୍ୟ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତରୁ ମେଲୋନିଙ୍କ ପାଇଁ ଏକ ସ୍ୱତନ୍ତ୍ର ଉପହାର ନେଇଥିଲେ। ଯେତେବେଳେ ସେ ତାଙ୍କୁ ଏହା ପ୍ରଦାନ କରିଥିଲେ ସେ ସେହି ମୁହୂର୍ତ୍ତର ଏକ ଭିଡିଓ ମଧ୍ୟ ସେୟାର କରିଥିଲେ।

ଇଟାଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କୁ ଏକ ସ୍ୱତନ୍ତ୍ର 'ମେଲୋଡି' ଟଫି ଅର୍ଥାତ୍ ଚକୋଲେଟ ଉପହାର ଦେଇଥିଲେ। ମେଲୋନି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଏହି ଉପହାର ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି: 'ଉପହାର ପାଇଁ ଧନ୍ୟବାଦ।'




ମେଲୋନିଙ୍କ ପୋଷ୍ଟ ପରେ, ସୋସିଆଲ ମିଡିଆରେ 'ମେଲୋଡି' ଚକୋଲେଟକୁ ନେଇ ଆଲୋଚନା ବ୍ୟାପକ ହୋଇଛି। ଏହି ଉପହାର ଦୁଇ ନେତାଙ୍କ ମଧ୍ୟରେ ବନ୍ଧୁତା ସହିତ ଭାରତ-ଇଟାଲୀ ସମ୍ପର୍କର ପ୍ରତୀକ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ପାଞ୍ଚ-ରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟ ପାଇଁ ଇଟାଲୀରେ ପହଞ୍ଚିଥିଲେ। ଯେଉଁଠାରେ ବାଣିଜ୍ୟ, ପ୍ରତିରକ୍ଷା ଏବଂ ରଣନୈତିକ ସହଯୋଗ ଭଳି ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ଆଶା କରାଯାଉଛି।

ଅନ୍ୟପଟେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ତାଙ୍କ ଗସ୍ତର ମୁହୂର୍ତ୍ତଗୁଡ଼ିକୁ ସେୟାର କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, 'ରୋମ୍‌ରେ ପହଞ୍ଚିବା ପରେ, ମୁଁ ରାତ୍ରୀଭୋଜନ ପାଇଁ ପ୍ରଧାନମନ୍ତ୍ରୀ ମେଲୋନିଙ୍କୁ ଭେଟିବାର ସୁଯୋଗ ପାଇଲି, ଯାହା ପରେ ଆମେ ପ୍ରସିଦ୍ଧ କଲୋସିୟମ୍ ପରିଦର୍ଶନ କରିଥିଲୁ। ଆମେ ବିଭିନ୍ନ ବିଷୟରେ ଆମର ମତାମତ ବାଣ୍ଟିଥିଲୁ। ମୁଁ ଆଜି ଆମର ଆଲୋଚନା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲି, ଯେଉଁଠାରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଶାସ୍ତ୍ର ଅନୁସାରେ ଆଚରଣ ସମାଜକୁ ଦିଗଦର୍ଶନ ଦିଏ: ପ୍ରଧାନମନ୍ତ୍ରୀ।
- କେଦାରନାଥ ଯାତ୍ରା ମାର୍ଗରେ ଭୂସ୍ଖଳନ, ରାତିସାରା ଉଦ୍ଧାର କାର୍ଯ୍ୟ ଜାରି।
- ମହିଳା ଆୟୋଗ ତ୍ୱିଶା ଶର୍ମାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ମଧ୍ୟପ୍ରଦେଶର ମୁଖ୍ୟ ସଚିବ, ଡିଜିପିଙ୍କଠାରୁ ରିପୋର୍ଟ ତଲବ।
- ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବିଶ୍ୱକୁ ମାର୍ଗଦର୍ଶନ କରିବା ପାଇଁ ଭାରତ- ଜେନେଭା ଦ୍ୱିପାକ୍ଷିକ ବୈଠକ।
- ବିଜେପି ସମ୍ବିଧାନକୁ ନଷ୍ଟ କରିଦେଇଛି : ରାହୁଲ ଗାନ୍ଧୀ।
- ରାହୁଲ ଗାନ୍ଧୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ପୋଲିସ ନିକଟରେ ଅଭିଯୋଗ କଲା ବିଜେପି।
- ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ହତ୍ୟା ମାମଲାର ପଞ୍ଚମ ଅଭିଯୁକ୍ତ ବାରାଣାସୀରୁ ଗିରଫ।
- ଝାଡ଼ଖଣ୍ଡରେ ନକ୍ସଲ ଆଇଇଡି ବିସ୍ଫୋରଣରେ କୋବ୍ରା ସୈନିକ ଆହତ।
- ମହାରାଷ୍ଟ୍ରର ନାନ୍ଦେଡରେ ଖାଲରେ ଜମିଥିବା ପାଣିରେ ବୁଡ଼ି ଚାରିଜଣ ଶିଶୁଙ୍କ ମୃତ୍ୟୁ।
- ଭୁବନେଶ୍ୱରର ଟ୍ୟାକ୍ସି ଚାଳକଙ୍କ ପୁଅ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସମସ୍ତଙ୍କୁ ଚକିତ କଲେ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୮୩୫ (+୧୩୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୧୫ (+୧୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୮୭୬ (+୯୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (-୫)

## ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ

# ପାସ୍ ହାର ୮୫.୮୫% : ସବୁ ବର୍ଗରେ ଛାତ୍ରୀ ଆଗରେ

ଭୁବନେଶ୍ୱର, ୨୦।୫
ନ୍ୟୁଜ୍ ବ୍ୟୁରୋ

ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏକା ସାଙ୍ଗରେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇଛି। ବୁଧବାର ଦିନ ସାଢ଼େ ୧୨ଟା ସମୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଚଳିତ ବର୍ଷ ସମୁଦାୟ ପାସ୍ ହାର ୮୫.୮୫ ପ୍ରତିଶତ ରହିଛି। ସେହିପରି ବିଜ୍ଞାନରେ ପାସ୍ ହାର ୮୮.୮୨ ପ୍ରତିଶତ ହୋଇଥିବା ବେଳେ କଳାରେ ୮୪.୫୦ ପ୍ରତିଶତ, ବାଣିଜ୍ୟରେ ପାସ୍ ହାର ୮୮.୦୭ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୭୭.୬୨ ପ୍ରତିଶତ ରହିଛି।



ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ବର୍ଗରେ ମୋଟ୍ ୩ ଲକ୍ଷ ୯୮ ହଜାର ୯୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩ ଲକ୍ଷ ୪୧ ହଜାର ୭୮୧ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। କଳାରେ ୨ ଲକ୍ଷ ୧୪ ହଜାର ୭୩୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୧ ହଜାର ୪, ବାଣିଜ୍ୟରେ ୨୧ ହଜାର ୩୯୩ ଓ ଧନ୍ଦାମୂଳକ ଶିକ୍ଷାରେ ୪ ହଜାର ୫୪୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

କଳାରେ ସମ୍ବଲପୁର ଜିଲ୍ଲା ୮୯.୪୮ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୭୭.୧୪ ପ୍ରତିଶତ ରହିଛି। ବିଜ୍ଞାନରେ ବାଲେଶ୍ୱର ଜିଲ୍ଲା ୯୬.୬୩ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ କୋରାପୁଟ ଜିଲ୍ଲାରେ ସର୍ବନିମ୍ନ ୭୭.୧୪ ପ୍ରତିଶତ ରହିଛି। ବାଣିଜ୍ୟରେ ବୌଦ୍ଧ ଜିଲ୍ଲା ୧୦୦ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସର୍ବନିମ୍ନ ୭୭.୨୫ ପ୍ରତିଶତ ଉତ୍ତୀର୍ଣ୍ଣ ହାର ରହିଛି। ଧନ୍ଦାମୂଳକ ଶିକ୍ଷାରେ (ପୃଷ୍ଠା ୭ରେ)

# ପଞ୍ଜାବରେ ସ୍ଥଗିତ ରହିଲା ଅଦିନିଆ ରଥଯାତ୍ରା

ପୁରୀ, ୨୦।୫
ନ୍ୟୁଜ୍ ବ୍ୟୁରୋ

ବନ୍ଦ ରହିଲା ଅଦିନିଆ ରଥଯାତ୍ରା। ପଞ୍ଜାବର ଫିରୋଜପୁରରେ ଅଦିନିଆ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଆପତ୍ତି ଜଣାଇବା ପରେ, ଏହାକୁ ସ୍ଥଗିତ ରଖିଛନ୍ତି ସେଠାକାର ଆୟୋଜକ। ଏଭଳି ପ୍ରାରମ୍ଭିକ ସଫଳତା ଶ୍ରୀମନ୍ଦିର ପ୍ରଶାସନ ଓ ଜଗନ୍ନାଥପ୍ରେମୀଙ୍କୁ ଉତ୍ସାହିତ କରିଥିଲେ ବି, ନଛୋଡ଼ବନ୍ଧା ଇସ୍କନ କେମିତି ବାଟକୁ ଆସିବ, ତାକୁ ନେଇ କସରତ ଜାରି ରହିଛି। ସେପଟେ ଉତ୍ତରପ୍ରଦେଶ ହାପୁର ରଥଯାତ୍ରା ନିଷ୍ପତ୍ତି ଉପରେ ବି ରହିଛି ନଜର।

ଶ୍ରୀମନ୍ଦିର ପ୍ରଶାସନ ପାଇଁ ଅଦିନିଆ ରଥଯାତ୍ରା ଏକ ଚିନ୍ତାର ବିଷୟ ପାଲଟିଥିବା ବେଳେ ପଞ୍ଜାବରୁ ଆସିଛି ସୁଖବର। ଫିରୋଜପୁର କ୍ୟାଣ୍ଟନମେଣ୍ଟ ଜଗନ୍ନାଥ ମନ୍ଦିର ପକ୍ଷରୁ ପାଳନ ହେବାକୁ ଥିବା ଅତିଥି ରଥଯାତ୍ରା ଶେଷ ମୁହୂର୍ତ୍ତରେ ସ୍ଥଗିତ ରହିଛି। ପୂର୍ବରୁ ମେ' ୨୩ ଶନିବାର ଜୟ ଜଗନ୍ନାଥ ଶ୍ରୀ ଶ୍ରୀ କୃଷ୍ଣ ବଳରାମ ରଥଯାତ୍ରା ଆୟୋଜନ ପାଇଁ ଘୋଷଣା କରିଥିଲା ପଞ୍ଜାବର ଏହି ଜଗନ୍ନାଥ



ମନ୍ଦିର। ଯାହା ଉପରେ ଆପତ୍ତି ଜାହିର କରି, ଏଥିରୁ ବିରତ ରହିବାକୁ ଫିରୋଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲା ଶ୍ରୀମନ୍ଦିର ପ୍ରଶାସନ। ଏହାପରେ ଫିରୋଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସେଠାକାର ରଥଯାତ୍ରା ଆୟୋଜକଙ୍କୁ ଡକାଯାଇ, ଏସଂପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଆଉ ୨ ଦିନ ପରେ ହେବାକୁ ଥିବା ରଥଯାତ୍ରା ସ୍ଥଗିତ ରହିଛି। ଏଥିପାଇଁ ଫିରୋଜପୁର କ୍ୟାଣ୍ଟନମେଣ୍ଟ ଜଗନ୍ନାଥ ମନ୍ଦିର ପକ୍ଷରୁ ସହମତି ପତ୍ର ଦାଖଲ କରାଯାଇଛି। ଏହାକୁ ନେଇ କୃତଜ୍ଞତା ଜଣାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

ଅନ୍ୟ ରାଜ୍ୟର (ପୃଷ୍ଠା ୭ରେ)

## ଦେଶବ୍ୟାପୀ ଔଷଧ ବିକ୍ରେତାଙ୍କ ଦିନିକିଆ ଧର୍ମଘଟ

ନୂଆଦିଲ୍ଲୀ, ୨୦।୫

ଅନଲାଇନ ଔଷଧ ବିକ୍ରି ଓ ବ୍ୟାପକ ରିହାତି ବିରୁଦ୍ଧରେ ଅଲ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ ଦ୍ୱାରା ଡକାଯାଇଥିବା ବୁଧବାରର ଦିନିକିଆ ଦେଶବ୍ୟାପୀ ଧର୍ମଘଟର ପ୍ରଭାବ ଦେଶରେ ମିଶ୍ରିତ ଥିଲା। ତେବେ ଅନେକ ସ୍ଥାନରେ ଔଷଧ ଦୋକାନ ବନ୍ଦ ଯୋଗୁ ଲୋକେ ଚରମ ଅସୁବିଧାର ସମ୍ମୁଖୀନ ହୋଇଥିବାର ସୂଚନା ମିଳିଛି।

ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟସ୍ ଆଣ୍ଡ ଡ୍ରଗିଷ୍ଟସ୍ (ଏ.ଆଇ.ଓ.ସି.ଡି.) ଅନଲାଇନ୍ ଫାର୍ମାସ୍ୟୁଟିକାଲ୍ କମ୍ପାନୀ (ଫାର୍ମାସି) ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏ.ଆଇ.ଓ.ସି.ଡି. କହିଛି ଯେ ଏହା ୧୨.୪ ଲକ୍ଷ ଔଷଧ ବ୍ୟବସାୟୀ (ରସାୟନ ବିଜ୍ଞାନୀ, ଫାର୍ମାସିଷ୍ଟ) ଏବଂ ବିତରକଙ୍କୁ ପ୍ରତିନିଧିତ୍ୱ କରେ। ତେବେ, ଜାତୀୟ ରାଜଧାନୀ ଅଞ୍ଚଳ (ଦିଲ୍ଲୀ-ଏନସିଆର)ରେ କେତେକ ସଂଗଠିତ ଫାର୍ମାସୀ (ପୃଷ୍ଠା ୭ରେ)

# ଦଲାଲ ଓ ଭ୍ରଷ୍ଟାଚାରୀଙ୍କୁ ସାବଧାନ କଲେ ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର, ୨୦।୫
ନ୍ୟୁଜ୍ ବ୍ୟୁରୋ

ଦଲାଲ ଓ ଭ୍ରଷ୍ଟାଚାରୀଙ୍କୁ ସାବଧାନ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଜିଲ୍ଲା ଯୋଗାଣ ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମିଳନୀରେ ଏହି ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ଦଲାଲ ଓ ଭ୍ରଷ୍ଟାଚାରୀଙ୍କଠାରୁ ଦୂରରେ ରୁହ, ମାପ ଓଜନ ଜଗିବାକୁ ସେ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି ଯେ, ଏବେ ବି ଚାଲିଛି କଟ୍‌ନୀଛଟ୍‌ନୀ, ଆମେ ଆକ୍ସନ ନେଉଛୁ। ମିଲର ହୁଅନ୍ତୁ କି ଅଫିସର ସମସ୍ତେ ସାବଧାନ ହୋଇଯାଆନ୍ତୁ। ମିଲରଙ୍କୁ ଅଫିସର ସାହାଯ୍ୟ କରୁଥିଲେ ତୁରନ୍ତ ବନ୍ଦ କର। ପୂର୍ବରୁ ଯୋଗାଣ ବିଭାଗକୁ ଦୁର୍ନୀତିଯୁକ୍ତ ବିଭାଗ କୁହାଯାଉଥିଲା। ଏବେ ଯୋଗାଣ ବିଭାଗ ଦୁର୍ନୀତିମୁକ୍ତ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହାସହିତ ଗୁଜବ ସୃଷ୍ଟି ହେଲେ ସେଥିପ୍ରତି ସତର୍କ ରୁହ, ଲାଭଖୋର ବେପାରୀଙ୍କ ପ୍ରତି ଦୟା କରନି ବୋଲି ମନ୍ତ୍ରୀ କହିଛନ୍ତି। ଖାଉଟି ସୁରକ୍ଷା ଦିଗରେ କାମ କରିବାକୁ ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଚାନ୍ଦିପୁରରେ 'ସୂର୍ଯ୍ୟାସ୍ତ୍ର'ର ସଫଳ ପରୀକ୍ଷଣ

ଚାନ୍ଦିପୁର, ୨୦।୫
ନ୍ୟୁଜ୍ ବ୍ୟୁରୋ

ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱାବଲମ୍ବୀ କରିବା ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ବଢ଼ାଇବା ଦିଗରେ ବୁଧବାର ଏକ ବଡ଼ ସଫଳତା ମିଳିଛି। ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଠାରେ ଘରୋଇ ପ୍ରତିରକ୍ଷା ସଂସ୍ଥା 'ନିବେ ଲିମିଟେଡ୍' ଦ୍ୱାରା ନିର୍ମିତ ଦୂରଗାମୀ ରକେଟ୍ ପ୍ରଣାଳୀ 'ସୂର୍ଯ୍ୟାସ୍ତ୍ର' (ପୃଷ୍ଠା ୭ରେ)



## ମୁଖ୍ୟମନ୍ତ୍ରୀ-ଜାପାନ କନ୍‌ସୁଲ ଜେନେରାଲଙ୍କ ମଧ୍ୟରେ ଆଲୋଚନା

# ଓଡ଼ିଶା-ଜାପାନ ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୦।୫
ନ୍ୟୁଜ୍ ବ୍ୟୁରୋ

କୋଲକାତାରେ ଅବସ୍ଥାପିତ ଜାପାନର କନସୁଲ୍ ଜେନେରାଲ ମିଷ୍ଟର ଇସିକାୱା ୟୋସିହିସା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଜାପାନ ଓ ଓଡ଼ିଶା ମଧ୍ୟରେ ସହଭାଗିତା ବୃଦ୍ଧି ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପରେ ଜାପାନର ସହଯୋଗ ଏବଂ କ୍ରମବର୍ଦ୍ଧିଷ୍ଣୁ ବାଣିଜ୍ୟିକ ସମ୍ପର୍କ ପାଇଁ ଜାପାନର



ଉଚ୍ଚ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଜାପାନ ଓଡ଼ିଶାରେ ଅଧିକ ନିବେଶ କରିବା ସହିତ ଓଡ଼ିଶାର ଶିଳ୍ପାୟନ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ (ପୃଷ୍ଠା ୭ରେ)

## ଏକାଳ ପଖାଳ



ପଢ଼ାପଢ଼ି ଖୁବ୍ ଭଲରେ ଚାଲିଛି
ଫଳରୁ ପଡୁଛି ଜଣା
ପାସ୍ ହାରଟା ଆଗକୁ ବଢ଼ିଲା
ହୋଇଥିଲା ବାଟବଣା
ମିଳିନାହିଁ ମହୁଫେଣା
ଶହେ ପ୍ରତିଶତ ସଫଳତା ପାଇଁ
ଚେଷ୍ଟା ହେଲା ଏବେ ଗଣା।

# ଇରାନ ଯୁଦ୍ଧରେ ୪୨ ବିମାନ ହରାଇଛି ଆମେରିକା



ୱାଶିଂଟନ୍, ୨୦।୫

ଆମେରିକା ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଥିଲା। ଏହା ପରେ, ଇରାନ ଉପସାଗରରେ ଥିବା ଆମେରିକୀୟ ସାମରିକ ବାହିନୀ ଉପରେ ପ୍ରତିଶୋଧ ନେଇଥିଲା। ଏବେ, ଇରାନ ସହିତ ଯୁଦ୍ଧ ସମୟରେ ଆମେରିକା କେତେ ବିମାନ ହରାଇଛି ସେ ବିଷୟରେ ସୂଚନା ମିଳିଛି। ଭୟଙ୍କର ଯୁଦ୍ଧ ପରେ ମଧ୍ୟପ୍ରାଚ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଛି।

ତଥାପି ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବା ଜାରି ରହିଛି। ଆମେରିକା ଖୁବ୍ ଶୀଘ୍ର ଇରାନ ଉପରେ ଆଉ ଏକ ଆକ୍ରମଣ କରିପାରେ ବୋଲି ଆଶଙ୍କା ରହିଛି। ଗତ କିଛି ଦିନ ଧରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ବାରମ୍ବାର ଧମକ ଦେଇ ଆସୁଛନ୍ତି। ତେବେ ସମ୍ପ୍ରତି ଆସିଥିବା ରିପୋର୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟରେ ଦାବି କରାଯାଇଛି ଯେ, ଇରାନ ଯୁଦ୍ଧରେ ଆମେରିକା ୪୨ଟି ବିମାନ ହରାଇଛି।

ଏତେ ସଂଖ୍ୟକ ବିମାନ ହରାଇବା ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି ବୋଲି ବିବେଚନା କରାଯାଉଛି। ଦୀର୍ଘ ଦିନ ଧରି ଟ୍ରମ୍ପ ପ୍ରଶାସନ ଏହାକୁ ଲୁଚାଉଥିଲେ। ତେବେ ଏବେ ସତ ସାମ୍ନାକୁ ଆସିଛି। ଫେବୃୟାରୀ ୨୮ ତାରିଖରେ ଆମେରିକା ଇରାନକୁ ଟାର୍ଗେଟ କରି ଅପରେସନ ଏପିକ୍ ଫ୍ୟୁରି ଆରମ୍ଭ କରିଥିଲା। (ପୃଷ୍ଠା ୭ରେ)







# ଗୁଣିଗାରେଡ଼ି ସନ୍ଦେହରେ ଜଘନ୍ୟକାଣ୍ଡ: ଯୁବକଙ୍କୁ ମାରି ପୋଡ଼ିଦେଲେ, ୨୫ ଜଣ ଗିରଫ



**ମାଣିଆବନ୍ଧ, ନ୍ୟୁଜ ବ୍ୟୁରୋ**

ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା ପରେ ପୋଡ଼ି ଦିଆଯିବା ଭଳି ଜଘନ୍ୟକାଣ୍ଡ ଘଟିଛି ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ତାଳମୁଣ୍ଡଳୀ ଶବରସାହିରେ। ଏହି ଘଟଣାରେ ୨୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆହୁରି ଅଧିକ ବ୍ୟକ୍ତିଙ୍କର ସଂପୃକ୍ତି ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ ଶ୍ୱେତ ବେହେରାଙ୍କ ପୁଅ ଟିକମ ବେହେରା (୩୦) ଗୁଣିଗାରେଡ଼ି କରୁଥିବାରୁ ଗ୍ରାମର ବିଭିନ୍ନ ପରିବାରରେ ସମସ୍ୟା ହେଉଥିବା ସନ୍ଦେହ କରାଯାଇଥିଲା। ଗତ ୧୦ ତାରିଖ ରାତି ପ୍ରାୟ ୧୧ଟା ବେଳେ ଗ୍ରାମବାସୀ ଟିକମଙ୍କୁ ଘରୁ ଉଠାଇ ନେଇଥିଲା। ଗ୍ରାମରେ ସଭା କରାଯାଇ ଟିକମଙ୍କୁ ନିସ୍ଠୁକ ମାଡ଼ ମରାଯାଇଥିଲା। ଟିକମଙ୍କୁ ପିଟିପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଜଙ୍ଗଲ ଭିତରକୁ ନେଇ ପୋଡ଼ି ଦେଇଥିଲେ। ଏ ସଂପର୍କରେ ପ୍ରଥମେ କିଛି ଜଣାପଡ଼ିନଥିଲା। ପରେ ସାମାଜିକ ଗଣମାଧ୍ୟମରେ ଖବର ଘୂରି ବୁଲିବାରୁ ଟିକମଙ୍କ ବାପା ଶ୍ୱେତ ବେହେରା ଥାନାରେ ଅଭିଯୋଗ କରିଥିଲେ। ମାଣିଆବନ୍ଧ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୫ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ଗାଁ ଏବେ ପୁରୁଷଶୂନ୍ୟ ହୋଇଯାଇଛି। ପୁଲିସ ଏହି ଘଟଣାରେ ପ୍ରକାଶ ବେହେରା, ବିଭୂତି ବେହେରା, କେଶବ ବେହେରା, ମାନସ ନାଏକ, ବିଷ୍ଣୁ ବେହେରା, ଅନ୍ତରା ସ୍ୱାଇଁ, ସୁଜିତ ବେହେରା, ଲୋଚନ ବେହେରା, ରଂଜିତ ବେହେରା, ଭାଗୀରଥି ଦେହୁରୀ, ଧନି ସ୍ୱାଇଁ, ଶରତ ବେହେରା, ଉଲ୍ଲାସ ନାଏକ, ନିର ଦେହୁରୀ, ଜଗବନ୍ଧୁ ବେହେରା, ବିଚି ବେହେରା, ସନ୍ତୋଷ ବେହେରା, ଅନିଲ ବେହେରା, ଗେ?ତମ ଦେହୁରୀ, ଲକ୍ଷ୍ମୀଧର ବେହେରା, ଉଦୟନାଥ ବେହେରା, ମଥୁରା ବେହେରା, ମାୟା ବେହେରା, ଜୟକୃଷ୍ଣ ଦେହୁରୀ, ଆଲୋକ ଦେହୁରୀଙ୍କୁ ଗିରଫ କରିଛି।

# ଓଡ଼ିଶାର ଆମ୍ବ କିସମ ଓ ଉତ୍ପାଦନକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରଠାରେ ଆୟୋଜିତ ହେଉଥିବା ଆଜିର ଜୋନାଲ କନ୍ଫରେନ୍ସରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତରଫରୁ ଏଗ୍ରିକଲଚର ପ୍ରଡ଼କ୍ସନ କ୍ଲଷ୍ଟର ଓ କୃଷି ଉଦ୍ୟୋଗୀଙ୍କ ଦ୍ୱାରା ଶଙ୍କର ଏବଂ ଏଲିଟ୍ କିସମର ବିଭିନ୍ନ ପ୍ରକାରର ଆମ୍ବ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ଜିଲ୍ଲାରୁ ଏବଂ କେନ୍ଦ୍ରୀୟ ଉଦ୍ୟାନ ପ୍ରଶିକ୍ଷଣ ସଂସ୍ଥା ତରଫରୁ ୩୫ରୁ ୪୦କିସମର ଆମ୍ବ ଏଥିରେ ସ୍ଥାନ ପାଇଥିଲା । ସେଥି ମଧ୍ୟରୁ ମୟୂରଭଞ୍ଜରୁ ଆସିଥିବା ସିମିଲଟନ୍ ସୁନ୍ଦରୀର ନାଲିରଙ୍ଗ ବେଶ୍ ଆକର୍ଷିତ କରିଥିଲା। ଏତଦ୍ୱ୍ୟତୀତ କିଲୋ ପ୍ରତି ୧୦୦୦ଟଙ୍କାରୁ ଉର୍ଦ୍ଧ୍ୱ ଦାମରେ ବିକ୍ରି




ହେଉଥିବା ମିଆଜାକି ଆମ୍ବ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏଥି ସହିତ କେଉଁଝରର ବଳଦେବ କିସମ, ବଲାଙ୍ଗିରର ଜାହାଙ୍ଗିର ଓ ଢେଙ୍କାନାଳର ବେଲଗଜା ଏବଂ ଅନେକ ଶଙ୍କର ଓ ଉନ୍ନତ କିସମର ଆମ୍ବ ଯଥା-ଆର୍କା ନିଳାଚଳ, କେଶରୀ, ଆର୍କା ପୁନିତ, ଆର୍କା ସୁପ୍ରଭାତ, ଆର୍କା ଉଦୟ, ଅମ୍ବିକା ଇତ୍ୟାଦି କୃଷି ଉଦ୍ୟୋଗୀଙ୍କ ତରଫରୁ ପ୍ରଦର୍ଶିତ କରାଯାଇଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ପୂର୍ବାଞ୍ଚଳ ରାଜ୍ୟର ସମସ୍ତ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଏହି ଷ୍ଟଲକୁ ପ୍ରଦର୍ଶନ କରିଥିଲେ ଓ ଓଡ଼ିଶାର ବିଭିନ୍ନ ଆମ୍ବ କିସମ ଦେଖି ଭୂୟସୀ ପ୍ରଶଂସା କରିଥିଲେ । ଏଥିରୁ ଅନୁମାନ କରି ହେଉଛି ଅନୁକୂଳ ଜଳବାୟୁ, ଚାଷୀଙ୍କ ପ୍ରୟାସ ଓ କୃଷି ଉତ୍ପାଦକ ସଂଗଠନ ଯୋଗୁଁ ରାଜ୍ୟରେ ଆମ୍ବ ଉତ୍ପାଦନ ଦିନକୁ ଦିନ ବଢ଼ି ଚାଲିଛି । ଗୁଣାତ୍ମକ ମାନର ଆମ୍ବ ଏଫ୍ପିଓମାନଙ୍କ ଦ୍ୱାରା ଏକତ୍ରିକରଣ କରି ବାହାର ରାଜ୍ୟ ଓ ଦେଶକୁ ରପ୍ତାନୀ କରି ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ସୂଚନାଯୋଗ୍ୟ ଯେ, ନିକଟରେ ଢେଙ୍କାନାଳର ଆମ୍ରପଲ୍ଲୀ ଆମ୍ବ ଲଣ୍ଡନ ରପ୍ତାନି ହୋଇଛି।

# ଅକ୍ଷୟ ଶକ୍ତିର ବ୍ୟବହାର ଏବଂ ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବ ସୌର ୱାଟର କିଓସ୍କ : ମେୟର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ସୋମବାର ଆହୁରି ଦୁଇଟି ସୌର ଚାଳିତ ୱାଟର କିଓସ୍କ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ୱାର୍କ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀଧର ବେହେରା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳୀ ସେଠୀ, ୪୦ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ଆସିଆ ବେଗମ୍, ୩୬ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ଅଲିଅଳି ମଲ୍ଲିକଙ୍କ ସହ ଟିମ୍ ବିଏମ୍ସି ଉପସ୍ଥିତ ଥିଲେ ।

ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେବା ଏବଂ ଗ୍ରୀଷ୍ମ ଋତୁରେ ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଦିଗରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସୋମବାର ୩୪ ନମ୍ବର ୱାର୍ଡ ଅନ୍ତର୍ଗତ ସ୍ମାର୍ଟ ବଜାର ସମ୍ମୁଖରେ ଏବଂ ୩୬ ନମ୍ବର ୱାର୍ଡ ଅନ୍ତର୍ଗତ ୟୁନିଟ୍-୪ ମାର୍କେଟ ନିକଟରେ ଦୁଇଟି ସୋଲାର ୱାଟର କିଓସ୍କ ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱର ଗ୍ରୀନ୍ ସିଟି ମିଶନ ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଓ ଓଡିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଦ୍ୱାରା ସୌର ଜଳ କିଓସ୍କ ପ୍ରତିଷ୍ଠା କରାଯାଇଛି । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି, ସ୍ଥାୟୀ ସହରାଞ୍ଚଳ ସେବା ପାଇଁ ଅକ୍ଷୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ପାଇଁ ଜନସାଧାରଣଙ୍କ ଉପଯୋଗକୁ ବୃଦ୍ଧି କରିବା । ଏହି କିଓସ୍କଗୁଡ଼ିକର ଉଦଘାଟନ ସହିତ ବର୍ତ୍ତମାନ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ମୋଟ ୩୮ ଗୋଟି ସୌର ଜଳ କିଓସ୍କ ସ୍ଥାପନ କରାଯାଇଛି ।

# ଓଡ଼ିଶା କ୍ୟାଡର ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀଙ୍କ ଏସଏସଇପିଡି ବିଭାଗ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା କ୍ୟାଡରର ଏକ ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀ ଦଳ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ବିଭାଗ ପରିଦର୍ଶନ କରିଛନ୍ତି । ସେମାନଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଏକ ଅଂଶସ୍ୱରୂପ, ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ସାମାଜିକ କଲ୍ୟାଣ, ଅନ୍ତର୍ଭୁକ୍ତିମୂଳକ ଶାସନ ଏବଂ ତୃଣମୂଳ ସ୍ତରରେ ସେବା ପ୍ରଦାନ ପ୍ରକ୍ରିୟା ସହ ପରିଚିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି ସମିଳନୀରେ ଏସଏସଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ବିଭାଗର ବିଭିନ୍ନ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା ଓ ସାଂସ୍ଥାନିକ ଭିତ୍ତିଭୂମି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏଥିରେ ମଧୁବାବୁ ପେନସନ ଯୋଜନା , ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଶାସନ ସଚିବ ସମାଜର ପଛୁଆ ଏବଂ ଅବହେଳିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଶେଷ କରି କିନ୍ନର (ଟ୍ରାନ୍ସଜେଣ୍ଡର) ମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ତଥା ସମାନତା ପାଇଁ ଉଦ୍ଦିଷ୍ଟ 'ସ୍ୱୀକୃତି' ଯୋଜନା ସମେତ ବରିଷ୍ଠ ନାଗରିକ, ଭିକ୍ଷୁକ ଏବଂ ନିରାଶ୍ରୟମାନଙ୍କ ପାଇଁ ଥିବା ପୁନର୍ବାସ କାର୍ଯ୍ୟକ୍ରମ ବିଷୟରେ ସେ ବୁଝାଇଥିଲେ। ଏହା ସହିତ ବୟସ୍କ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ଏବଂ ଏହାର ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉପଖଣ୍ଡ ସ୍ତରରେ ଏହିସବୁ ଯୋଜନାର ସଫଳ ରୂପାୟନ ଓ ତଦାରଖ କ୍ଷେତ୍ରରେ ଉପ-ଜିଲ୍ଲାପାଳ ମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ବାବଦରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ



କରାଯାଇଥିଲା। ରାଜ୍ୟର ତୃଣମୂଳ ସ୍ତରର ବ୍ୟବସ୍ଥାକୁ ବୁଝିବା ପାଇଁ ଅଫିସରମାନଙ୍କୁ ସମନ୍ୱିତ ଭିତ୍ତିଭୂମି ସମ୍ପ୍ରସାରଣ କେନ୍ଦ୍ର , ରାଜ୍ୟ ବିଶେଷ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନ ଏବଂ ଉନ୍ନତ ପୁନର୍ବାସ କେନ୍ଦ୍ର ର କାର୍ଯ୍ୟପଦ୍ଧତି ବିଷୟରେ ଜଣାଇ ଦିଆଯାଇଥିଲା।

ଏହା ବ୍ୟତୀତ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ପରିଚାଳନା, ନବନିଯୁକ୍ତ ସ୍ୱତନ୍ତ୍ର ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଏବଂ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଡିଜିଟାଲ ସାକ୍ଷରତା ପାଇଁ ଲ୍ୟାପଟପ୍ ବଣ୍ଟନ ଭଳି ଶିକ୍ଷାଗତ ସହାୟତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା କ୍ୟାଡରର ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀ ଅଭି ଜୈନ, ଅନୁପ ନାୟକ, ଜସକରନ ସିଂ, ଜିତେନ୍ଦ୍ର କୁମାର, ଶରଣ୍ୟା ଏସ୍. ଏବଂ ସୁଧା ଚୌହାନ ଯୋଗ ଦେଇଥିଲେ।

'ଭବିଷ୍ୟତର ପ୍ରଶାସନିକ ଅଧିକାରୀମାନଙ୍କୁ ସମାଜର ଅବହେଳିତ ଓ ଗରିବ ଶ୍ରେଣୀର ଲୋକଙ୍କ ସମସ୍ୟାକୁ ସହାନୁଭୂତିର ସହ ବୁଝିବା, ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ଏବଂ ସରକାରୀ ନୀତିକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଏଭଳି ପ୍ରଶିକ୍ଷଣ ଓ ଅଭିଜ୍ଞତା ନିହାତି ଜରୁରୀ,' ବୋଲି ବିଭାଗ ପକ୍ଷରୁ ପ୍ରକାଶିତ ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି । ଏହି ସାମଗ୍ରିକ ଓରିଏଣ୍ଟେସନ ସେସନକୁ ଏସଏସଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ନେତୃତ୍ୱରେ ଅତିରିକ୍ତ ସଚିବ ଦୀପକ ରୌତରାୟ, ଶ୍ରୀମତୀ ସୋନିଆ ବେହେରା ଏବଂ ଭାସ୍କର ରାଇତୋ ପରିଚାଳନା କରିଥିଲେ। ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ରାଜ୍ୟ ସ୍ତରରୁ ଆରମ୍ଭ କରି ବ୍ଲକ ଏବଂ କ୍ଷେତ୍ର ସ୍ତର ପର୍ଯ୍ୟନ୍ତ ବିଭାଗର କାର୍ଯ୍ୟଶୈଳୀ ସମ୍ପର୍କରେ ବିସ୍ତୃତ ଧାରଣା ଦେଇଥିଲେ।

# ସୁନ୍ଦରଗଡ଼ରେ କମୁଛି ଚାଷଜମି, ପ୍ରାଣୀସମ୍ପଦ ବି ବିପଦରେ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲାରେ କମୁଛି ଚାଷଜମି । ଘରବାରିରେ ପରିବର୍ତ୍ତିତ ହେଉଛି । ଜମି ବ୍ୟବସାୟୀ ଶହଶହ ଏକର ଚାଷଜମିକୁ ପ୍ଲଟିଂ କରି ବଡ଼ବଡ଼ ସଂସ୍ଥାକୁ ଟେକି ଦେଉଛନ୍ତି। ଗଢ଼ି ଉଠୁଛି ଆପାର୍ଟମେଣ୍ଟ, ବ୍ୟବସାୟିକ ଅନୁଷ୍ଠାନ ଓ ଶିଳ୍ପ କାରଖାନା। ପୂର୍ବରୁ ଯେଉଁଠି ଚାଷ ହେଉଥିଲା, ସେଠି ଏବେ ବହୁତଳ ବିଶିଷ୍ଟ ପ୍ରାସାଦ ଛିଡ଼ା ହୋଇଛି। ଚାଷ କମୁଛି, କୃଷିଜାତ ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଚାଷୀଙ୍କ ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେଉଛି। ସମାନସ୍ଥିତି ଉପୁଜିଛି ଗୋଚର ଜମିରେ। ପୂର୍ବରୁ ପ୍ରାଣୀ ସମ୍ପଦ ପାଇଁ ଯେତିକି ଗୋଚର ଜମି ଥିଲା। ଏବେ ନାହିଁ, କେଉଁଠି ଜମିମାଫିଆଙ୍କ କବ୍ଜାକୁ ଚାଲିଗଲାଣି। ଅନ୍ୟ କେଉଁଠି ଠିଆ ହେଲାଣି ବ୍ୟବସାୟିକ ପ୍ରତିଷ୍ଠାନ। ଚାଷୀ ଓ ପ୍ରାଣୀସମ୍ପଦ ଉପରକୁ ମାଡ଼ିଆସୁଥିବା ବିପଦକୁ ରୋକିବାକୁ ସରକାର ଏବେଠୁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକ ରହିଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ରେ ମୋଟ ୩ .୨ ଲକ୍ଷ ହେକ୍ଟର ଚାଷ ଜମି ରହିଛି। ୧.୧୦ ଲକ୍ଷ ହେକ୍ଟର ରବି ଫସଲ ଓ ଅବଶିଷ୍ଟ ଜମିରେ ଖରିଫ ଚାଷ ହୋଇଥାଏ। ୨୦୨୧ରେ ସୁନ୍ଦରଗଡ଼ ଲାଠିକଟା, କୁଆରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକରେ ମୋଟ ୮୪,୦୫୮ ହେକ୍ଟର ଚାଷ ଜମିଥିଲା। ଏବେ



ଚାରି ବ୍ଲକରେ ମୋଟ ଚାଷ ଜମି ହେଉଛି ୭୦, ୭୪୦ ହେକ୍ଟର। ଅର୍ଥାତ୍ ୫ ବର୍ଷ ପରେ ୧୩ ହଜାର ୩୧୮ ହେକ୍ଟର ଚାଷ ଜମି କମିଛି। ଲାଠିକଟାରେ ୨୦୨୧ରେ ଥିଲା ୨୪, ୬୯୫ ହେକ୍ଟର ଚାଷ ଜମି। ଏବେ ଅଛି ୨୧, ୫୬୯। କୁଆରମୁଣ୍ଡାରେ ଥିଲା ୨୨,୫୧୬ ହେକ୍ଟର, ଏବେ ୧୯,୫୨୪ ହେକ୍ଟର। ନୂଆଗାଁରେ ୨୭,୪୮୩ ହେକ୍ଟର, ଏବେ ୨୨,୩୯୫ ହେକ୍ଟର। ବିଶ୍ରାରେ ଥିଲା ୯,୩୬୪ ହେକ୍ଟର, ଏବେ ୭,୨୫୨ ହେକ୍ଟର। ୫ ବର୍ଷ ମଧ୍ୟରେ ଲାଠିକଟାରେ ୫,୧୨୬, କୁଆରମୁଣ୍ଡାରେ ୨,୯୯୨ ହେକ୍ଟର, ନୂଆଗାଁରେ ୫,୦୮୮ ହେକ୍ଟର ଓ ବିଶ୍ରାରେ ୨,୧୧୨ ହେକ୍ଟର ଚାଷ ଜମି କମିଛି। ସେମିତି ବଣାଇ, ଲହୁଣିପଡା, କୋଇଡା ଓ ଗୁରୁଣ୍ଡିଆରେ ଗତ ୨୦୨୧ରେ ୬୪ ହଜାର ୯୮୮ ହେକ୍ଟର ଚାଷ ଜମିଥିଲା। ଏବେ ରହିଛି ୬୧ ହଜାର, ୧୦୪ ହେକ୍ଟର। ଅର୍ଥାତ୍ ୫ ବର୍ଷ ମଧ୍ୟରେ ୩ ହଜାର ୮୮୪ ହେକ୍ଟର ଚାଷ ଜମି କମିଛି। ବଣାଇରେ ଗତ ୫ ବର୍ଷ ମଧ୍ୟରେ ୨, ୨୧୧ ହେକ୍ଟର, ଲହୁଣିପଡାରେ ୬୦୮ ହେକ୍ଟର, କୋଇଡ଼ାରେ ୬୦୬ ହେକ୍ଟର ଓ ଗୁରୁଣ୍ଡିଆରେ ୪୫୯ ହେକ୍ଟର ଚାଷ ଜମି କମିଛି। ସେହି ସମାନସ୍ଥିତି ରାଜଗାଙ୍ଗପୁର, ଲେଫ୍ରିପଡ଼ା, ସବ୍ଡେଗା, ବାଲିଶଙ୍କରା, ଟାଙ୍ଗରପାଲି, କୁତ୍ରା, ବଡ଼ଗାଁ , ହେମଗିରି ଓ ସୁନ୍ଦରଗଡ଼ ସଦର ବ୍ଲକରେ। କେବଳ ଚାଷ ଜମି ନୁହେଁ, ଗୋଚର ଜମିରେ ମଧ୍ୟ ସେହି ସମାନ ସମସ୍ୟା ଉପୁଜିଛି।

## ଓଡ଼ିଶା ସହରାଞ୍ଚଳରେ ପରିବହନର କ୍ଷେତ୍ର ବଢ଼ାଇଲା କ୍ରୁଟ୍

# ଇ-ମୋବିଲିଟି, ସଡ଼କ ସୁରକ୍ଷା ଓ ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସହରାଞ୍ଚଳରେ ଗମନାଗମନର ସମ୍ପ୍ରସାରଣ, ଭିତିଭୂମି ବିକାଶ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ସାଂସ୍ଥାନିକ ସୁଦୃଢ଼ୀକରଣ କାର୍ଯ୍ୟର ଅଗ୍ରଗତିର ଆକଳନ କରିବା ପାଇଁ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'କ୍ୟାପିଟାଲ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ' (କ୍ରୁଟ୍)ର ଚାଲୁ ରହିଥିବା ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ମନ୍ତ୍ରୀ କେନ୍ଦୁଝର, ବାରିପଦା, ଅନୁଗୋଳ, ଝାରସୁଗୁଡ଼ା ଏବଂ ବାଲେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା କ୍ରୁଟ୍ର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଯାଜପୁର, ରାୟଗଡ଼ା, କୋରାପୁଟ, ଭଦ୍ରକ ଏବଂ ବଲାଙ୍ଗୀରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣର ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ କେନ୍ଦୁଝରରେ ନୂତନ ଭାବେ ଆରମ୍ଭ ହୋଇଥିବା ବୈଦ୍ୟୁତିକ ବସ୍ ସେବାରେ ଯାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ଏହା ଦୈନିକ ପ୍ରାୟ ୧,୩୦୦ ଯାତ୍ରୀରେ ପହଞ୍ଚିଛି।

ଏହି ସମୀକ୍ଷାରେ 'ପିଏମ୍ ଇ-ବସ୍ ସେବା' ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଥିଲା। ରାଜ୍ୟରେ ଆଗାମୀ ଡିପୋ ଏବଂ ବୈଦ୍ୟୁତିକ ପରିବହନ ଭିତ୍ତିଭୂମିକୁ ସମୟାନୁବନ୍ଧିତ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବାକି ଥିବା ଭିତ୍ତିଭୂମି ଏବଂ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସାର୍ବଜନୀନ ପରିବହନ କାର୍ଯ୍ୟକଳାପରେ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାର ଗୁରୁତ୍ୱ ଉପରେ ଆଲୋକପାତ କରି, ବ୍ୟବସ୍ଥିତ ମୁଦ୍ରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରୁଟ୍ ର ଅଣ-ଭଡ଼ା ବାକ୍ସ ରାଜସ୍ୱ ଉତ୍ସକୁ ସୁଦୃଢ଼ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବସ୍, ବସ୍ କ୍ୟୁ ସେଲ୍ଟର, ବସ୍ ପୋଲ୍ ଏବଂ ଡିପୋ-ସଂଯୁକ୍ତ ବାଣିଜ୍ୟିକ ଭିତିଭୂମି ଉପରେ ବିଜ୍ଞାପନ ଅଧିକାର ସମ୍ବନ୍ଧୀୟ ଚାଲୁ ରହିଥିବା ପ୍ରୟାସଗୁଡ଼ିକର ମନ୍ତ୍ରୀ ସମୀକ୍ଷା କରିଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ ବ୍ୟବସ୍ଥିତ ବାଣିଜ୍ୟିକ ପଦକ୍ଷେପ ଯୋଗୁଁ ୨୦୨୫ ମସିହାରେ କ୍ରୁଟ୍ର ଅଣ-ଭଡ଼ା ବାକ୍ସ ରାଜସ୍ୱ ଅବଦାନ ୨୨.୦୫% କୁ ବୃଦ୍ଧି ପାଇଛି। ସହରାଞ୍ଚଳ ପରିବହନ ସେବା ପାଇଁ ସ୍ଥାୟୀ ରାଜସ୍ୱ ଉତ୍ସ ସୃଷ୍ଟି କରିବାକୁ ଆଗାମୀ ସମସ୍ତ ଡିପୋ ଏବଂ ପରିବହନ ଭିତ୍ତିଭୂମିକୁ ସମନ୍ୱିତ ବାଣିଜ୍ୟିକ ବ୍ୟବହାର ମଡେଲ ସହିତ ବିକଶିତ କରାଯିବା ଉଚିତ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କ୍ରୁଟ୍ କ୍ୟାପଟେନମାନଙ୍କ ପାଇଁ ସାଇକୋମେଟ୍ରିକ ମୂଲ୍ୟାଙ୍କନ ଏବଂ ବ୍ୟବସ୍ଥିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ପ୍ରସ୍ତାବିତ ସହଯୋଗ ଏବଂ ବୁଝାମଣାପତ୍ରକୁ ମଧ୍ୟ ବୈଠକରେ ଉଚ୍ଚ ପ୍ରଶଂସା କରାଯାଇଥିଲା। ବୃତିଗତ ଦକ୍ଷତା ବୃଦ୍ଧି, ବ୍ୟବହାରିକ ପ୍ରଶିକ୍ଷଣ ଏବଂ ସୁରକ୍ଷା-ଆଧାରିତ ଜନସାଧାରଣ ପରିବହନ କାର୍ଯ୍ୟକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ମାନ୍ୟତା ଦିଆଯାଇଥିଲା।

କ୍ରୁଟ୍ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧିକ ଆଲାମ ବିସ୍ତୃତ ପ୍ରଗତି ରିପୋର୍ଟ ଉପସ୍ଥାପନ କରିବା ସହ ଓଡ଼ିଶାରେ କ୍ରୁଟ୍ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ଷମ, ଭିତିଭୂମି ଏବଂ ସାଂସ୍ଥାନିକ ପଦକ୍ଷେପ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଭିତିଭୂମି ପ୍ରକଳ୍ପଗୁଡ଼ିକର ସମୟାନୁବନ୍ଧିତ ସମାପ୍ତି, ବୈଦ୍ୟୁତିକ ପରିବହନ ବ୍ୟବସ୍ଥାର ଦ୍ରୁତ ମୁତୟନ, ସଡ଼କ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଓଡ଼ିଶାରେ ନାଗରିକ-କୈନ୍ଦ୍ରିକ, ସ୍ଥାୟୀ ତଥା ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ସହରାଂଚଳ ପରିବହନ ସେବା ଉପରେ ନିରନ୍ତର ଧ୍ୟାନ ଦେବା ପାଇଁ ମନ୍ତ୍ରୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ବୈଠକ ଶେଷ ହୋଇଥିଲା।

## ଗରମ-ଗୁଳୁଗୁଳିରେ ଆଉଟୁପାଉଟୁ ଘୁମୁସର ଉଦୟଗିରିବାସୀ

**ଘୁ.ଉଦୟଗିରି, ନ୍ୟୁଜ ବ୍ୟୁରୋ**

ଜଙ୍ଗଲ ପାହାଡ଼ ଘେରା କନ୍ଧମାଳଜିଲ୍ଲା। ଚାରି ଦିଗକୁ ଆଖି ବଢ଼େଇଲେ ବିସ୍ତୀର୍ଣ୍ଣ ଘଞ୍ଚ ଜଙ୍ଗଲ, ପାହାଡ଼ ପର୍ବତ। ଥଣ୍ଡା ପରିବେଶ। ପ୍ରବଳ ଥଣ୍ଡା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ଜିଲ୍ଲାରେ ତାତି ଚଳିତ ଗ୍ରୀଷ୍ମ ଋତୁରେ ଅସହ୍ୟ କଲାଣି। ତାପମାତ୍ରା ବଢ଼ିବା ସାଙ୍ଗକୁ ଗୁଳୁଗୁଳି। ବର୍ଷା ନାହିଁ, ପାଣି ପାଇଁ ଡହଳ ବିକଳ ସାଧାରଣ ଜନତା। ଅନ୍ୟପଟେ ବିଦ୍ୟୁତର ଲୁଚକାଲି ଖେଳ ସମସ୍ୟା ଗରମ ଗୁଳୁଗୁଳିକୁ ଦ୍ୱିଗୁଣିତ କରିଦେଉଛି। ଲୋ ଭୋଲଟେଜ ସମସ୍ୟା ଯୋଗୁ ଫ୍ୟାନ୍ ଧୀରେଧୀରେ ବୁଲିବା ଦେହର ଝାଳ ଶୁଖାଇବାରେ ଅକ୍ଷମ। କହିବାକୁ ଗଲେ ଶୀତର ସହରରେ ଅସହ୍ୟ ତାତି ଅନୁଭବ କରୁଛନ୍ତି ଘୁମୁସର ଉଦୟଗିରିବାସୀ। ଯେଉଁ ସହରରେ କିଛି ମାସ ତଳେ ତାପମାତ୍ରା ୫ଡିଗ୍ରି ତଳକୁ ଖସିଯାଇଥିଲା, ସେଠାରେ ଏବେ ପାରଦ ୩୮ଡିଗ୍ରି ନିକଟତର ହୋଇଛି।

# ନକଲି ସାର, ବିହନ ଯୋଗାଣକୁ ବରଦାସ୍ତ କରାଯିବନି: ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ କେନ୍ଦ୍ର କୃଷିମନ୍ତ୍ରୀଙ୍କ ଚେତାବନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚାଷୀମାନେ କେବଳ 'ଅନ୍ନଦାତା' ନୁହନ୍ତି, ସେମାନେ 'ଜୀବନଦାତା'। କୃଷକମାନଙ୍କର ସେବା କରିବା ଈଶ୍ୱରଙ୍କ ସେବା ସହିତ ସମାନ। ତେଣୁ କୃଷକର ଆୟ କିପରି ବଢ଼ିବ, ତା'ର ସବୁ ଉତ୍ପାଦର ଯେପରି ଉଚିତ ମୂଲ୍ୟ ପାଇବ, ଗୋଟିଏ ଜମିରେ ବିଭିନ୍ନ ପ୍ରକାରର ଫସଲ କରି ଦେଶର ଚାହିଦା ପୂରଣ କରିବ ସେ ନେଇ କେନ୍ଦ୍ର ସରକାର ବହୁ ଯୋଜନା କରୁଛନ୍ତି। ସବ୍ସିଡିରେ ସାର, ବିହନ ଯୋଗାଇ ଦେଉଛନ୍ତି। କିନ୍ତୁ କେତେକ ଅସାଧୁ ବ୍ୟବସାୟୀ ବଜାରରେ ନକଲି ସାର, ନକଲି କୀଟନାଶକ ଓ ନକଲି ବିହନ ଯୋଗାଣ କରୁଛନ୍ତି। ଫଳରେ ମାଟିର ସ୍ୱାସ୍ଥ୍ୟ ବିଗିଡ଼ିବା ସହ ଆମେମାନେ (ମଣିଷ) ବି ରୋଗଣା ହେଉଛନ୍ତି। ଅସାଧୁ ବ୍ୟବସାୟୀଙ୍କ ଏହି କାର୍ଯ୍ୟକୁ ଚାଷୀଙ୍କ ବିରୋଧରେ ଗମ୍ଭୀର ଅପରାଧ ବୋଲି ଧରାଯିବ। ଏଥିପାଇଁ ଜେଲ୍ ଦଣ୍ଡ ସହ ମୋଟା ଅଙ୍କର ଜରିମାନା ଲାଗୁ ହେବ। ଏଥିପାଇଁ କେନ୍ଦ୍ର ସରକାର ଖୁବ୍ଶୀଘ୍ର ୧୯୬୮ ମସିହାର ଆଇନକୁ ସଂଶୋଧନ କରି 'ନୂଆ କୀଟନାଶକ ବିଲ୍' ଆଣିବେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି। ମଙ୍ଗଳବାର ହୋଟେଲ ମେ' ଫେୟାରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ଚୌହାନ କହିଥିଲେ, ବିକଶିତ ଭାରତ ଯାତ୍ରାରେ କୃଷି ହେଉଛି ମେରୁଦଣ୍ଡ। କୃଷି କ୍ଷେତ୍ରରେ ତିନିଟି ପ୍ରମୁଖ ପ୍ରାଥମିକତା ହେଉଛି ୧୪୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ପୁଷ୍ଟିକର ଖାଦ୍ୟ ଯୋଗାଇବା, କୃଷକଙ୍କ ପାଇଁ ଉତ୍ତମ ଜୀବିକା ଓ ଉଚ୍ଚ ଆୟ ସୁରକ୍ଷିତ କରିବା।

ଏହାସହ ଶ୍ରୀ ଚୌହାନ କହିଛନ୍ତି ଯେ ଓଡ଼ିଶାର ଚାଷୀ କେବଳ ଧାନ କି ଭାରତର ଚାଷୀ କେବଳ ଧାନ କିମ୍ବା ଗହମ ଚାଷରେ ସୀମିତ ନ ରହନ୍ତୁ। ଡାଲି ଜାତୀୟ ଓ ତୈଳବୀଜ ଫସଲ କରନ୍ତୁ। କାରଣ ଆମ ଦେଶର ଚାହିଦା ଅନୁଯାୟୀ ଏହା ଉତ୍ପାଦନ ହେଉନି। ଚାଷୀ ଉତ୍ପାଦନ କରିବାକୁ ଥିବା ସମସ୍ତ ଡାଲି ଓ ତୈଳଜାତ ଫସଲକୁ ଏମ୍ଏସ୍ପି ଦେଇ କିଣିବାକୁ ନିୟମ କରାଯାଇଛି। ଗୋଟିଏ ଜମିରେ ଏକାଧିକ ଫସଲ କଲେ ଚାଷୀର ଆୟ ବଢ଼ିବ ଏବଂ ମାଟିର ସ୍ୱାସ୍ଥ୍ୟ ଭଲ ରହିବ। କୌଣସି ଚାଷୀ ବିନା ବୈଜ୍ଞାନିକ ପରାମର୍ଶରେ ଜମିରେ ମନଇଚ୍ଛା ସାର ବ୍ୟବହାର କରନ୍ତୁନି। ସମନ୍ୱିତ କୃଷିକୁ ଆପଣାନ୍ତୁ। ଉଦ୍ୟାନ କୃଷି, ମତ୍ସ୍ୟପାଳନ, ପ୍ରାଣୀସମ୍ପଦ, ମହୁମାଛି ପାଳନ ଏବଂ କୃଷି-ବନୀକରଣ ସହିତ ଫସଲ ଚାଷକୁ ମିଶ୍ରଣ କରିବା ଦ୍ୱାରା କ୍ଷୁଦ୍ର ଚାଷୀଙ୍କ ଆୟ ଯଥେଷ୍ଟ ବୃଦ୍ଧି ପାଇବ। ଏହାକୁ କୃଷି ମନ୍ତ୍ରୀ ଓ ଅଧିକାରୀମାନେ ନିଜ



ନିଜ ରାଜ୍ୟରେ ପ୍ରୋତ୍ସାହନ ଦିଅନ୍ତୁ। ଜୁନ୍ ୧ରୁ ଦେଶବ୍ୟାପୀ 'ଖେତ୍ ବଚାଓ ଅଭିଯାନ' ଆରମ୍ଭ ହେବ। ଏଥିରେ ଜମିରେ ସାର ବ୍ୟବହାର, ଆଧୁନିକ ପ୍ରଯୁକ୍ତି ବିଦ୍ୟା ବ୍ୟବହାର, ଉନ୍ନତକିସମର ବିହନ, ସରକାରୀ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରାଯିବ। ସବୁ ରାଜ୍ୟ ଫାର୍ମର ଆଇଡି ବ୍ୟବସ୍ଥା ଆପଣାଇବାକୁ ଶ୍ରୀ ଚୌ?ହାନ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଥିଲେ, ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ତେଣୁ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି। ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ କୃଷି ଉତ୍ପାଦନ କମ୍ ଥିବାରୁ ଏହି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ। ଏଥିପାଇଁ ସମ୍ମିଳନୀରେ ଭାଗ ନେଇଥିବା ୫ଟି ରାଜ୍ୟ ପରସ୍ପରର ଶ୍ରେଷ୍ଠ ପ୍ରଣାଳୀ ଆପଣାଇବା ନେଇ ବିଚାରବିମର୍ଶ ହେବା ଦରକାର ବୋଲି ଶ୍ରୀ ମାଝୀ କହିଥିଲେ।

ଏହି ସମ୍ମିଳନୀରେ ଡାଲି ଓ ତୈଳବୀଜ ଉତ୍ପାଦନ ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ସମନ୍ୱିତ କୃଷି, ପ୍ରାକୃତିକ କୃଷି, ଚାଷୀ ପଞ୍ଜୀକରଣ, ଉଦ୍ୟାନ କୃଷି, କୃଷି ଋଣ, ବିପଣନ ସଂସ୍କାର, ନକଲି କୃଷି ଇନ୍ପୁଟ୍ ଉପରେ ନିୟନ୍ତ୍ରଣ ଏବଂ ଚାଷୀଙ୍କ ଆୟ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବିହାର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା, ଛତିଶଗଡ଼ର କୃଷିମନ୍ତ୍ରୀ ରାମବିଚାର ନେତାମ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କ ସହିତ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଓ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର, କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ମଙ୍ଗିଲାଲ୍ ଜାଟ୍ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ସରକାରଙ୍କ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ।

ସମ୍ପାଦକୀୟ

32 YEARS
ସମ୍ବାଦ କଳିକା

## ଆର୍ମେନିଆ ତିଆରି କରିବ ଭାରତୀୟ ଅସ୍ତ୍ରଶସ୍ତ୍ର

ଭାରତରେ ନିର୍ମିତ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଚାହିଦା ଏବେ ଆନ୍ତର୍ଜାତୀୟ ସ୍ତରରେ ଗ୍ରାଫ୍ ଉପରକୁ ନେବାରେ ଲାଗିଛି । ବିଶ୍ୱ ପ୍ରତିରକ୍ଷା ବଜାରରେ ଏବେ 'ମେକ୍ ଇନ୍ ଇଣ୍ଡିଆ' ର ଦବ୍‌ଦବା ଦେଖିବାକୁ ମିଳୁଛି । ଏହି କ୍ରମରେ ଭାରତ ପାଇଁ ଏକ ବଡ଼ ରଣନୀତିକ ସଫଳତା ସାମ୍ନାକୁ ଆସିଛି । ଭାରତର ସବୁଠାରୁ ଭରସାଯୋଗ୍ୟ ବନ୍ଧୁ ରାଷ୍ଟ୍ର ଭାବେ ପରିଚିତ ଆର୍ମେନିଆ ଏବେ କେବଳ ଭାରତରୁ ଅସ୍ତ୍ରଶସ୍ତ୍ର କିଣୁନାହିଁ, ବରଂ ଭାରତ ସହାୟତାରେ ନିଜ ଦେଶ ମାଟିରେ 'ଗାଇଡେଡ୍ ପିନାକା ରକେଟ୍' ଏବଂ '୧୫୫ ମିମି ଆର୍ଟିଲାରୀ ଗୋଳା'ର ସ୍ଥାନୀୟ ଉତ୍ପାଦନ କରିବାକୁ ସେଟ୍‌ଅପ୍ ପ୍ରସ୍ତୁତ କରୁଛି । ଏହି ମେଗା ପ୍ରୋଜେକ୍ଟକୁ ନେଇ ଦୁଇ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ଆରମ୍ଭ ହୋଇଯାଇଛି, ଯାହା ଆଗାମୀ ଦିନରେ ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଭାରତ ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ଆର୍ମେନିଆର ବଡ଼ ରଣନୀତି ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (DRDO) ଦ୍ୱାରା ନିର୍ମିତ 'ପିନାକା ମଲ୍ଟି-ବ୍ୟାରେଲ୍ ରକେଟ୍ ଲଞ୍ଚ' (MBRL) ସିଷ୍ଟମ୍ କିଣିବାରେ ଆର୍ମେନିଆ ଥିଲା ବିଶ୍ୱର ପ୍ରଥମ ବିଦେଶୀ ରାଷ୍ଟ୍ର । ପ୍ରାୟ ୨,୦୦୦ କୋଟି ଟଙ୍କାର ଏହି ବଡ଼ ଚୁକ୍ତି ପରେ, ଭାରତ ପକ୍ଷରୁ ଅତ୍ୟାଧୁନିକ ଗାଇଡେଡ୍ ପିନାକା ରକେଟ୍‌ର ପ୍ରଥମ ବ୍ୟାଚ୍ ସଫଳତାର ସହ ଆର୍ମେନିଆକୁ ହସ୍ତାନ୍ତର କରାଯାଇ ସାରିଛି । ତେବେ ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତିକୁ ଦେଖି ଆର୍ମେନିଆ ଏହି ବନ୍ଧୁତାକୁ କେବଳ କ୍ରେତା-ବିକ୍ରେତା ମଧ୍ୟରେ ସୀମିତ ରଖିବାକୁ ଚାହୁଁନାହିଁ ବରଂ, ଭାରତର ସହାୟତାରେ ନିଜ ଦେଶରେ ହିଁ ମେଡ୍ ଇନ୍ ଇଣ୍ଡିଆ ଟେକ୍ନୋଲୋଜି ବ୍ୟବହାର କରି ଅସ୍ତ୍ର ଉତ୍ପାଦନ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି । ପଡ଼ୋଶୀ ଦେଶ ଅଜରବୈଜାନ ସହ ଦୀର୍ଘ ଦିନ ଧରି ଚାଲିଥିବା ସୀମା ବିବାଦ ଏବଂ କ୍ଷେତ୍ରୀୟ ଅଶାନ୍ତି ମଧ୍ୟରେ ଆର୍ମେନିଆ ନିଜର ସାମରିକ ଶକ୍ତିକୁ ସୁଦୃଢ଼ କରିବାକୁ ଚାହୁଁଛି । ଏହି ସ୍ଥାନୀୟ ଉତ୍ପାଦନ ପଛରେ ଦୁଇଟି ମୁଖ୍ୟ କାରଣ ରହିଛି: ସପ୍ଲାଇ ଚେନ୍‌ର ସୁରକ୍ଷା: ଯୁଦ୍ଧ କିମ୍ବା ଜରୁରୀକାଳୀନ ପରିସ୍ଥିତି ସମୟରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଯୋଗାଣରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ନିଜ ମାଟିରେ ଉତ୍ପାଦନ କରିବା ସବୁଠୁ ନିରାପଦ ମାଧ୍ୟମ । ଅନ୍ୟ ଦେଶ ଉପରୁ ନିର୍ଭରଶୀଳତା ହ୍ରାସ: ଆର୍ମେନିଆ ନିଜର ପୁରୁଣା ପାରମ୍ପରିକ ସହଯୋଗୀ ଯେପରିକି ରୁଷ ଉପରେ ଅଧିକ ନିର୍ଭର ନକରି, ଭାରତ ଭଳି ଏକ ନୂଆ ଏବଂ ଅତି ବିଶ୍ୱାସୀ ସାମରିକ ଅଂଶୀଦାର ସହ ସମ୍ପର୍କକୁ ଅତି ମଜଭୁତ କରିବାକୁ ଚାହୁଁଛି । ସୂତ୍ର ଅନୁଯାୟୀ, ଭାରତୀୟ ପ୍ରତିରକ୍ଷା କମ୍ପାନୀ ଏବଂ ଆର୍ମେନିଆର ବରିଷ୍ଠ ପ୍ରତିରକ୍ଷା ଅଧିକାରୀଙ୍କ ମଧ୍ୟରେ ମାନୁଫ୍ୟାକ୍ଚରିଂ ଇନଫ୍ରାଷ୍ଟ୍ରକ୍ଚର, ବିନିଯୋଗ ମଡେଲ ଏବଂ ଟେକ୍ନୋଲୋଜି ସ୍ଥାନାନ୍ତରର ସର୍ତ୍ତାବଳୀକୁ ନେଇ କ୍ରମାଗତ ଭାବେ ଗମ୍ଭୀର ଆଲୋଚନା ଚାଲିଛି । ଦୁଇ ଦେଶ ମଧ୍ୟରେ ସବୁ ସର୍ତ୍ତ ଉପରେ ସହମତି ପ୍ରକାଶ ପାଇଲେ, ଚଳିତ ବର୍ଷ ଶେଷ ସୁଦ୍ଧା ଆଧିକାରିକ ଭାବେ ପ୍ରଥମ ପ୍ରାରମ୍ଭିକ ବୁଝାମଣା ପତ୍ର (MoU) ସ୍ୱାକ୍ଷରିତ ହୋଇପାରେ । ୨୦୨୭ ଅର୍ଥାତ୍ ଆଗାମୀ ବର୍ଷରେ ଉତ୍ପାଦନ ୟୁନିଟ୍ ପାଇଁ ଜମି ଚୟନ, ଆଧୁନିକ ମେସିନାରୀ ସ୍ଥାପନ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ରାୟଲ ଆସେମ୍ବଲି କାର୍ଯ୍ୟ ଆରମ୍ଭ ହେବାର ଆଶା ରହିଛି । ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ ଆଗାମୀ ୨ ରୁ ୩ ବର୍ଷ ମଧ୍ୟରେ ଆର୍ମେନିଆ ମାଟିରେ ଗାଇଡେଡ୍ ପିନାକା ରକେଟ୍ ଏବଂ ୧୫୫ ମିମି ଗୋଳାର ପୂର୍ଣ୍ଣ କମର୍ସିଆଲ ପ୍ରଡକ୍ସନ ଆରମ୍ଭ ହୋଇଯିବ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ବିଶ୍ୱରୂପ ଦର୍ଶନ

### ମହତେ ଯାହା ଆଚରିବେ ଇତରେ ତାହାହିଁ କରିବେ



ଶ୍ରଦ୍ଧେୟ ଭକ୍ତବୃନ୍ଦ,ତୁମେତ ଭକ୍ତ,ତୁମେତ ଶିଷ୍ୟ,ତୁମେତ ଧନୀ,ତୁମେତ ଜ୍ଞ୍ୟାନୀ ତୁମେ ତୁମକୁ କେତେବେଳେ ସମୀକ୍ଷା କରିଛ ? ମୁଁ ଠିକ୍ କରୁଛି କି ଭୁଲ କରୁଛି ? କିନ୍ତୁ ତୁମେ ଠିକ୍ କରକି ନକର ତୁମର କର୍ମ ଫଳକୁ ଇତର ମାନେ ଗ୍ରହଣ କରି ସେଇ ପଥରେ ଯିବେ । ତୁମେ ଯଦି ଭଲକାମ କରିଥିବ ସେ ଫଳଟି ନିଶ୍ଚୟ ସମାଜରେ ।।ବୃତ ହେବ ।ତୁମେ ଯଦି ଖରାପ କାର୍ଯ୍ୟ କରୁଥିବ ସେବି ପ୍ରତିଫଳନ ହେବ ସମାଜରେ । ଇତରକୁ ଯଦି ତୁମର ଶିକ୍ଷା ,ଦୀକ୍ଷା ଦ୍ୱାରା ଅନୁପ୍ରାଣିତ କରି ସତରାସ୍ତାରେ ଚଳାଇ ପାରିଲ ତାହାଲେ ତୁମେ ଅମୃତର ଧାରା ଇଶ୍ୱରଙ୍କ ଠାରୁ ପାଇପାରିବ । କିନ୍ତୁ ତୁମେ ଯଦି ଖରାପ ରାସ୍ତା ଦେଖାଇଥିବ ସେ ଫଳ ବି ତୁମେ ହିଁ ଭୋଗ କରିବ । ତେଣୁ ଭାଗବତରେ ଲେଖାଅଛି-ମହତେ ଯାହା ଆଚରିବେ ଇତରେ ତାହାହିଁ କରିବେ ?ରେଣୁ ତୁମେ ଯାହା ଉଚାରଣ କରୁଛ ତାହାକୁ ଆଚରଣରେ ପରିଣତ କରିପାରିଲେ ଏ ଜଗତ ନିଶ୍ଚୟ ତୁମକୁ ପୁରସ୍କୃତ କରିବ । ରେଣୁ ହେ ଭକ୍ତ ନିଷ୍ଠା,ବିଶ୍ୱାସକୁ ଦୃଢିଭୂତ କର,କେନ୍ଦ୍ରୀଭୂତ କରି ବିଶ୍ୱବାସୀଙ୍କୁ ଆଲୋକର ସନ୍ଧାନ ଦେବା ହେଉଛି ଭକ୍ତର ଲକ୍ଷ୍ୟଣ,ଶିଷ୍ୟର ଲକ୍ଷ୍ୟଣ,ତେଣୁ ଲକ୍ଷଣକୁ ଦେଖି ନିୟତି ବିଚାର କରି ଚାଲିଛି । ତୁମ ପଛେ ପଛେ ଗୋଡାଉଛି କାଳ ସେ ଯେବେ ମହାକାଳ ସାଜିବ ତୁମକୁ କିଏ ରକ୍ଷା କରିବ । ସେଇ ଧର୍ମ,ତେଣୁ ଧରିଥା ଧର୍ମକୁ ଆଦୌ ଛାଡିବୁନିଟି । ହରିଓଁ ।

◆◆

# ବାୟୁ ପ୍ରଦୂଷଣ ଓ ଆଜିର ସଭ୍ୟତା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ । ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ । ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ । ୨୦୧୫ରେ ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ । ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା - ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ । ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ । ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା । ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା । ଧାତୁକୁ ଆକାର ଦେବା ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା । ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ ।

ସାଧାରଣତଃ ବାୟୁ ନାମରେ ପରିଚିତ ଏକ ଗ୍ୟାସ୍‌ମାନଙ୍କ ସମାହାର ଯାହା ପୃଥିବୀ ଗ୍ରହକୁ ଘେରି ରହିଛି ଓ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବଳରେ ଆକର୍ଷିତ ହୋଇ ରହିଛି । ଏହି ବାୟୁମଣ୍ଡଳ ପୃଥିବୀର ଜୀବମାନଙ୍କୁ ଅତିବାଇଗିଣୀ ରଶ୍ମୀ ସୌର ରାଡିଏସନକୁ ଅବଶୋଷଣ କରି ସୁରକ୍ଷା ଦିଏ, ଏହାର ବାହ୍ୟ ଭାଗକୁ ଉଷୁମ ରଖେ ଓ ଦିବାରାତ୍ରୀର ଚରମ ଉତ୍ତାପ କୁ କମେଇ ଦିଏ । ଶୁଷ୍କ ବାୟୁରେ ଏହାର ଆୟତନର ୭୮.୦୯% ଯବକ୍ଷାରଜାନ, ୨୦.୯୫% ଅମ୍ଳଜାନ, ୦.୯୩% ଆର୍ଗନ, ୦.୦୩୯% ଅଙ୍ଗାରକାମ୍ଳ ଓ ଅଳ୍ପ ପରିମାଣର ଅନ୍ୟାନ୍ୟ ଗ୍ୟାସ୍ ଥାଏ । ସମୁଦ୍ର ପତନରରେ ବାୟୁର ପରିବର୍ତ୍ତନଶୀଳ ଜଳୀୟ ବାଷ୍ପର ପରିମାଣ ୧% ଥାଏ ଓ ସମୁଦାୟ ବାୟୁମଣ୍ଡଳରେ ଏହାର ପରିମାଣ ୦.୪% ଥାଏ । ବାୟୁ ମଣ୍ଡଳର ବିଭିନ୍ନ ସ୍ତରରେ ବାୟୁର ସାମଗ୍ରୀ ଓ ଚାପରେ ଅନ୍ତର ଥାଏ ଓ ପାର୍ଥିବ ବୃକ୍ଷମାନଙ୍କ ଶ୍ୱାସକ୍ରିୟା ଓ ଆଲୋକ ସଂଶ୍ଳେଷଣ ନିମନ୍ତେ ଉପ?ଯୁକ୍ତ ବାୟୁ କେବଳ ପୃଥିବୀର ଟ୍ରୋପୋସ୍ଫିଅରରେ ମିଳେ । ବାୟୁ ତଥା ପୃଥିବୀର ବାୟୁ ମଣ୍ଡଳର ତିନୋଟି ମୁଖ୍ୟ ଉପାଦାନ ଥାଏ ଯଥା-ଯବକ୍ଷାରଜାନ, ଅମ୍ଳଜାନ ଓ ଆର୍ଗନ୍ । ବାୟୁ ମଣ୍ଡଳର ସମୁଦାୟ ବସ୍ତୁତ୍ୱର ମୋଟାମୋଟି ୦.୨୫% ଜଳୀୟ ବାଷ୍ପ ଅଧିକାର କରିଥାଏ । ଜଳୀୟ ବାଷ୍ପର ସାନ୍ଦ୍ରତା ସର୍ବାଧିକ ଥଣ୍ଡା ସ୍ଥାନରେ ଆୟତନର ପ୍ରାୟ ୧୦ ପିପିଏମ ଥାଏ ଓ ଉତ୍ତପ୍ତ ତ?ଥା ଆର୍ଦ୍ର ବାୟୁରେ ଆୟତନର ୫% ଥାଏ ଓ ଅନ୍ୟ ଗ୍ୟାସ୍‌ଗୁଡ଼ିକୁ ଶୁଷ୍କ ବାୟୁ ହିସାବରେ ଗ୍ରହଣ କରାଯାଏ । ଅନ୍ୟ ଗ୍ୟାସମାନଙ୍କୁ ନାମମାତ୍ର ଗ୍ୟାସ୍ ଭାବରେ ନିଆଯାଏ, ଯେଉଁଥିରେ ଗ୍ରୀନ ହାଉସ୍ ଗ୍ୟାସ୍ ଯଥା ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ ଓ ଓଜୋନ ଥାଏ । ଫିଲ୍‌ଟର ହୋଇଥିବା ଗ୍ୟାସ୍‌ରେ ନାମମାତ୍ର ରାସାୟନିକ ଦ୍ରବ୍ୟ ଥାଏ । ଅନେକ ସ୍ଥାନୀୟ ତଥା ଋତୁ ଅନୁଯାୟୀ ପରିବର୍ତ୍ତିତ ପରିମାଣର ପଦାର୍ଥ ଏରୋସୋଲ୍ ଆକାରରେ ପ୍ରାକୃତିକ ବାୟୁରେ ଥାଏ ଯେପରିକି ଖଣିଜ ଜୈବିକ ପଦାର୍ଥର ଧୂଳି, ପରାଗ, ବୀଜାଣୁ, ସାମୁଦ୍ରିକ ସ୍ପ୍ରେ ଓ ଆଗ୍ନେୟ ଗିରି ପାଉଁଶ । ବିଭିନ୍ନ ପ୍ରଦୂଷଣକାରୀ ପଦାର୍ଥ ଯେପରିକି କ୍ଲୋରିନ, ଫ୍ଲୋରିନ୍ ଯୌଗିକ ପଦାର୍ଥ ଓ ମୌଳିକ ପାରଦ ବାଷ୍ପ ମଧ୍ୟ ବାୟୁରେ ଥାଏ । ହାଇଡ୍ରୋଜେନ ସଲ୍‌ଫାଇଡ ଓ ସଲ୍‌ଫର୍ ଡାଇଅକ୍ସାଇଡ ମଧ୍ୟ ପକୃତିରୁ ତଥା କଳ କାରଖାନାରୁ ଉତ୍ପନ୍ନ ହୋଇ ବାୟୁ ପ୍ରଦୂଷଣ କରେ । ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି । ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ । ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି । ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢ଼ୁଛି । ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି । ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି । ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ । ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିଲା ବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି । ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ପ୍ରାୟ ୪.୨ ନିୟୁତ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ପ୍ରଦୂଷିତ ବାୟୁର ପରିବ୍ୟାପ୍ତି ଏତେ ଅଧିକ ଯେ ପ୍ରାୟ ୯୧ ପ୍ରତିଶତ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ବାୟୁର ମାନଠାରୁ ନିମ୍ନମାନର ସ୍ଥାନରେ ବସବାସ କରିବାକୁ ବାଧ୍ୟ ହେଉଛନ୍ତି । ବାୟୁ ପ୍ରଦୂଷଣ କଥା ଯଦି ବିଚାରକୁ ନେବା ତେବେ ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ । ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡ । ଇ ଅ କ୍ସ । ଇ ଡ୍ , କ୍ଲୋରୋଫ୍ଲୋରୋକାର୍ବନ୍ ଏବଂ ଶିଳ୍ପ ଏବଂ ମୋଟର ଯାନଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍ ଅନ୍ତର୍ଭୁକ୍ତ । ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋକେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ । ବୈଦ୍ୟୁତିକ ଚୁମ୍ବକୀୟ ପ୍ରଦୂଷଣ କଥା ଯଦି କହିବା ତେବେ ରେଡିଓ ତରଙ୍ଗ ଇତ୍ୟାଦି ଇଲେକ୍ଟ୍ରୋ-ଚୁମ୍ବକୀୟ ବିକିରଣର ଅତ୍ୟଧିକତା, ଯାହା ରେଡିଓ ତରଙ୍ଗ ଇତ୍ୟାଦିରେ ଲୋକମାନେ କ୍ରମାଗତ ଭାବରେ ପ୍ରକାଶ ପାଇଥାନ୍ତି । ଯଦିଓ ସେହି ପ୍ରକାରର ବିକିରଣର ମାନବ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ଅଛି କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ଆଲୋକ ପ୍ରଦୂଷଣ କଥା ଆଲୋଚନାକୁ ନେଲେ ଅଯଥା ଆଲୁଅ, ଅତ୍ୟଧିକ ଆଲୋକ ଏବଂ ଜ୍ୟୋର୍ତିମଣ୍ଡଳ ଦୁନିଆରେ ହସ୍ତକ୍ଷେପ ଅନ୍ତର୍ଭୁକ୍ତ କରେ । ଆବର୍ଜନାର ଦୁରୁପବ୍ୟବହାର: ଅନୁପଯୁକ୍ତ ମାନବ ନିର୍ମିତ ବସ୍ତୁକୁ, ସର୍ବସାଧାରଣ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଉପରେ ଆଜେବାଜେ କରି ଫୋପାଡ଼ିବା । ଶବ୍ଦ ପ୍ରଦୂଷଣ କଥା କହିଲେ ଯାହା ସଡ଼କ ପଥ ଶବ୍ଦ, ବିମାନ ଶବ୍ଦ, ଶିଳ୍ପ ଶବ୍ଦ ଏବଂ ଉଚ୍ଚ-ତୀବ୍ରତାଯୁକ୍ତ ସୋନାରକୁ ଅନ୍ତର୍ଭୁକ୍ତ କରେ । ପ୍ଲାଷ୍ଟିକ୍ ପ୍ରଦୂଷଣ କହିଲେ ପରିବେଶରେ ପ୍ଲାଷ୍ଟିକ୍ ଉତ୍ପାଦ ଏବଂ ଛୋଟ ଛୋଟ ପ୍ଲାଷ୍ଟିକ ଟୁକୁଡ଼ା ଜମା ହେବା ସହିତ ବନ୍ୟଜନ୍ତୁ, ବନ୍ୟଜନ୍ତୁ ବାସସ୍ଥାନ କିମ୍ବା ମଣିଷ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ଧୂଳି, ଧୂଆଁ, ଅତି ସୂକ୍ଷ୍ମକଣିକା ଏବଂ କିଛି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାନ୍ତି । ଏମାନଙ୍କ ଉତ୍ପତ୍ତିର ଉତ୍ସମାନ ହିଁ ବାୟୁ ପ୍ରଦୂଷଣକୁ ପ୍ରୋତ୍ସାହିତ କରିଥାନ୍ତି । ଶିଳ୍ପ, ଗାଡିମୋଟର, ଟ୍ରାଫିକ, ସଡକ ଧୂଳି, ଖଣିଖାଦାନ, ପରିବହନ ଇତ୍ୟାଦିରେ ବୃଦ୍ଧି ବାୟୁମଣ୍ଡଳର ମାନକୁ ନିମ୍ନକୁ ଟାଣିଚାଲିଛି । କଳକାରଖାନା, ଗାଡିମୋଟରରେ ଇନ୍ଧନ ଭାବେ ବ୍ୟବହୃତ କୋଇଲା, ପେଟ୍ରୋଲ, ଡିଜେଲ ଆଦି ଜୀବାଶ୍ମ ଜାଳେଣିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ତଥା ନାଇଟ୍ରୋଜେନ ଅକ୍ସାଇଡ ଦ୍ୱାରା ବାୟୁମଣ୍ଡଳ ବିଶେଷଭାବେ ପ୍ରଦୂଷିତ ହୋଇଥାଏ । ଆଧୁନିକ କୃଷି ପଦ୍ଧତିରେ ବ୍ୟବହୃତ ରାସାୟନିକ ସାର, ଔଷଧ, କୀଟନାଶକ ବହୁଳତା କାରଣରୁ ଆମୋନିଆ ଭଳି ବିପଦପୂର୍ଣ୍ଣ ଗ୍ୟାସ ପ୍ରଚୁରମାତ୍ରାରେ ବାୟୁମଣ୍ଡଳରେ ମିଶୁଛି । ଖଣି ଖନନ, ଖଣିଜ ପରିବହନ ସମୟରେ ପ୍ରଚୁରମାତ୍ରାରେ ଧୂଳି ଏବଂ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରୁଛି । ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଗାଡିମୋଟର ସଂଖ୍ୟା ବଢିବାରେ ଲାଗିଛି । ସ୍ଥିତି ଏମିତି ହେଲାଣି ସହର ବଜାରରେ ସବୁବେଳେ ଲାଗିରହିଛି ଟ୍ରାଫିକ ଜାମ୍ । ଅନେକ ସମୟ ଧରି ଷ୍ଟାର୍ଟରେ ଥାଇ ରାସ୍ତା ଉପରେ ଗାଡିମୋଟର ଛିଡା ହୋଇ ରହୁଛି କିମ୍ବା ଅତି ନିମ୍ନ ବେଗରେ ଗତି କରୁଛି, ଯାହା ଅଧିକ ବିଷାକ୍ତ ବାଷ୍ପ ଛାଡି ବାୟୁ ପ୍ରଦୂଷଣ କରୁଛି । ସେହିପରି କଞ୍ଚା ରାସ୍ତାରେ ପରିବହନ ପାଇଁ ଅଧିକ ମାତ୍ରାରେ ଧୂଳି ଉଡି ବାୟୁରେ ମିଶୁଛି । ଶସ୍ୟ ଅମଳ ପରେ କ୍ଷେତରେ ନଡା କିମ୍ବା ଡମ୍ପିଂୟାର୍ଡ ବା ଘରୋଇ ବର୍ଜ୍ୟବସ୍ତୁ ଜଳାଇବା ଦ୍ୱାରା ପ୍ରଚୁର ଧୂଆଁ ସହିତ ସୂକ୍ଷ୍ମକଣିକା ବାୟୁରେ ମିଶୁଛି । ଫଳରେ ବାୟୁମଣ୍ଡଳରେ ଭାସମାନ ସୂକ୍ଷ୍ମ କଣିକା ମାତ୍ରା ବଢି ବାୟୁ ପ୍ରଦୂଷିତ ହେଉଛି । ବାୟୁ ପ୍ରଦୂଷଣକାରୀ ଏ ଯେଉଁ କେତୋଟି ପ୍ରମୁଖ ଉତ୍ସ ଓ ଉପାଦାନ କଥା କୁହାଗଲା ତାହା ମୁଖ୍ୟତଃ ମଣିଷର କାର୍ଯ୍ୟକଳାପ ସହିତ ସଂଯୋଜିତ । ଯେଉଁଠି ମଣିଷର ଏସବୁ କାର୍ଯ୍ୟକଳାପକୁ ଉନ୍ନତି ଓ ଆଧୁନିକତାର ମାପକାଠି ବୋଲି ଧରି ନିଆଯାଉଛି ସେପରି ସ୍ଥଳେ ବାୟୁ ପ୍ରଦୂଷଣ କମିବ କେମିତି ? ବାୟୁ ପ୍ରଦୂଷଣ ନିଃଶ୍ୱାସପ୍ରଶ୍ୱାସ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ସାଙ୍ଗକୁ କର୍କଟ ରୋଗ ଭଳି ଅନେକ ପ୍ରକାରର ଶାରୀରିକ ଜଟିଳତା ବୃଦ୍ଧି କରିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଅମ୍ଳବୃଷ୍ଟି, ଓଜୋନ ସ୍ତର ଅବକ୍ଷୟ ଆଦି ପରିବେଶୀୟ ପ୍ରତିକୂଳ ପ୍ରଭାବ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବାୟୁ ପ୍ରଦୂଷଣ । ଏହାଦ୍ୱାରା ମଣିଷ ଯେ ଖାଲି ଭୋଗୁଛି ତାହା ନୁହେଁ, ପଶୁପକ୍ଷୀ, ଗଛଲତା କ୍ରମଶଃ ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି । ବାୟୁ ପ୍ରଦୂଷଣ ପରି ସମସ୍ୟାର ସମାଧାନ ପନ୍ଥା ମଣିଷ ପାଖରେ ଅଛି ଏବଂ ଏହା ସମ୍ଭବ ମଧ୍ୟ । ଆମେ ଆମର ଚିନ୍ତାଧାରା, କାର୍ଯ୍ୟକଳାପ ଏବଂ ଜୀବନଶୈଳୀରେ ବଡ଼ଧରଣର ପରିବର୍ତ୍ତନ ଆଣିବାର ବେଳ ଆସିଛି । ବିଳାସମୟ ଜୀବନରେ ଶକ୍ତି, ଇନ୍ଧନ, ବୈଦ୍ୟୁତିକ ଉପକରଣର ବ୍ୟବହାରକୁ କମ୍ କରିବାକୁ ପଡିବ । ବ୍ୟକ୍ତିଗତ ଗାଡିମୋଟର ସଂଖ୍ୟା କମାଇ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଆପଣେଇବାର ମାନସିକତା ଉଦ୍ରେକ କରିବାକୁ ପଡିବ । ତା'ହେଲେ ଜୀବାଶ୍ମ ଜାଳେଣି ଖର୍ଚ୍ଚ କମିବ, ଟ୍ରାଫିକ ସମସ୍ୟା ସମାଧାନ ହୋଇ ଧୂଳିଧୂଆଁରୁ ମୁକ୍ତି ମିଳିବ । ବିଜୁଳି ଶକ୍ତିର ସଂରକ୍ଷଣ ତଥା ଶୃଙ୍ଖଳିତ ବ୍ୟବହାର କରିପାରିଲେ ତାପଜ ବିଦ୍ୟୁତ୍ ? ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଜଳି ଯେଉଁ ବାୟୁ ପ୍ରଦୂଷଣ ହେଉଛି ତାହା କମିପାରିବ । ଏହା ସହିତ କମ୍ ବିଜୁଳି ଖର୍ଚ୍ଚ କରୁଥିବା ବୈଦ୍ୟୁତିକ ଉପକରଣ ଏବଂ ବଲ୍‌ବ ବ୍ୟବହାରକୁ ଅଗ୍ରାଧିକାର ଦିଆଯିବା ଦରକାର । ତେବେ ଶକ୍ତି ସଞ୍ଚୟକାରୀ ରେଫ୍ରିଜରେଟର, ଏୟାରକଣ୍ଡିଶନର ମିଳୁଛି ବୋଲି ଗୋଟିଏ ଜାଗାରେ ଦୁଇ-ତିନୋଟି ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ ? ଯଥାସାଧ୍ୟ ଖୋଲା ଡ୍ରେନକୁ ଆବରଣଯୁକ୍ତ କରାଯିବା ଦରକାର, ଯେଉଁଥିରୁ ବାହାରୁଥିବା କଠିନ ଆବର୍ଜନା ସମୟକ୍ରମେ ଶୁଖି ଧୂଳି ଉଡାଇଥାଏ । ଘରୋଇ, ମ୍ୟୁନିସିପାଲ ଆବର୍ଜନା ସହିତ କୃଷିକ୍ଷେତ୍ରର ଶସ୍ୟ, ନଡାକାଠି ସବୁକୁ ନ ଜାଳି ଉପଯୁକ୍ତ ପ୍ରଣାଳୀରେ ଲ୍ୟାଣ୍ଡଫିଲ କରାଯାଇପାରେ । ଶୁଷ୍କ ଆବର୍ଜନା, ବାଲି, ଖଣିଜ ପଦାର୍ଥ ପରିବହନକୁ ଆବରଣଯୁକ୍ତ କଲେ ତଦ୍ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ କମିଯିବ । ଖଣିଖାଦାନ, କଳକାରଖାନା ଅଞ୍ଚଳର କଞ୍ଚା ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ବ୍ୟବସ୍ଥା ହେବା ଆବଶ୍ୟକ । ଏମିତି ଛୋଟବଡ ଅନେକ ଦିଗ ରହିଛି ଯାହାର ପ୍ରତିକାରାତ୍ମକ ଉପଚାର କରିପାରିଲେ ବାୟୁ ପ୍ରଦୂଷଣ ପରି ଜୀବନନାଶକ ସମସ୍ୟାକୁ ପ୍ରଶମିତ କରାଯାଇପାରିବ । ଏହି ଦିଗରେ ଜନସଚେତନତା ସୃଷ୍ଟି ପାଇଁ ୨୦୧୯ ମସିହାରୁ ବିଶ୍ୱ ପରିବେଶ ଦିବସରେ 'ବାୟୁ ପ୍ରଦୂଷଣ' ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଛି । ତେଣୁ ବାୟୁ ପ୍ରଦୂଷଣକୁ ରୋକିବା ଲାଗି ଆମେ ସଦା ସର୍ବଦା ସଚେତନ ହେବା ଆବଶ୍ୟକ ।

# ପ୍ରକୃତିର ସଂରକ୍ଷଣ ହେଉଛି ପ୍ରକୃତ ବିକାଶ !



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

୨୦୨୬ ପ୍ରାରମ୍ଭରୁ, ଦକ୍ଷିଣ ଓଡ଼ିଶାରେ ଅନେକ ପ୍ରମୁଖ ଅର୍ଥନୈତିକ କରିଡର ପ୍ରକଳ୍ପ ମାଧ୍ୟମରେ ଏକ ପ୍ରମୁଖ ଭିତ୍ତିଭୂମି ପରିବର୍ତ୍ତନ ଘଟୁଛି, ବିଶେଷକରି ରାୟପୁର- ବିଶାଖାପାଟଣା ଅର୍ଥନୈତିକ କରିଡର ଏବଂ ବିଜୁ ଏକ୍ସପ୍ରେସୱେ ପର୍ଯ୍ୟାୟ-୨ । ଏହି ପ୍ରକଳ୍ପଗୁଡ଼ିକ ପଛୁଆ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ଏବଂ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି କିନ୍ତୁ ଜଙ୍ଗଲ ଏବଂ ପାହାଡିଆ ଅଞ୍ଚଳ ଦେଇ ଗତି କରୁଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଦକ୍ଷିଣ ଓଡ଼ିଶାରେ ପ୍ରମୁଖ ଅର୍ଥନୈତିକ କରିଡର ପ୍ରକଳ୍ପ: ରାୟପୁର-ବିଶାଖାପାଟଣା ଅର୍ଥନୈତିକ କରିଡର (ଭାରତମାଳା ପରିଯୋଜନା): ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲା ଦେଇ ଯାଇଥିବା ଏକ ୪୬୫ କିଲୋମିଟର ଛଅ ଲେନ୍ ବିଶିଷ୍ଟ ସବୁଜ କ୍ଷେତ୍ର ରାଜପଥ । ବିଜୁ ଏକ୍ସପ୍ରେସ୍ ୱେ ପର୍ଯ୍ୟାୟ-II (ବ୍ରହ୍ମପୁର-ଜୟପୁର): ୪ଟି ଜିଲ୍ଲା ଦେଇ ବ୍ରହ୍ମପୁରରୁ ଜୟପୁରକୁ ସଂଯୋଗ କରୁଥିବା ୩୦୫ କିଲୋମିଟର ପ୍ରକଳ୍ପ, ଯାତ୍ରା ସମୟକୁ ୮ ଘଣ୍ଟାରୁ ୫ଘଣ୍ଟାକୁ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି । ଏଥିରେ ପାହାଡିଆ ଅଞ୍ଚଳ କାଟି ଉପକୂଳ ଆର୍ଥିକ କରିଡର ସହିତ ସଂଯୋଗ କରିବା ଅନ୍ତର୍ଭୁକ୍ତ । ଓଡ଼ିଶା ଅର୍ଥନୈତିକ କରିଡର (OEC): ଗୋପାଳପୁର ଏବଂ କଳିଙ୍ଗନଗର ନୋଡଗୁଡ଼ିକୁ ଏକ ବୃହତ ଉପକୂଳ ଆର୍ଥିକ କରିଡରରେ ସଂକଳନ କରିବାର ଏକ ବ୍ୟାପକ ପଦକ୍ଷେପ, ଯାହା ଗଞ୍ଜାମ, ଖୋର୍ଦ୍ଧା ଏବଂ ଆଖପାଖ ଜିଲ୍ଲାଗୁଡ଼ିକରେ ଭାରୀ ଶିଳ୍ପ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ପରିବେଶଗତ ଏବଂ ପ୍ରାକୃତିକ ପ୍ରଭାବ ଜଙ୍ଗଲ କଟା ଏବଂ ବାସସ୍ଥାନ ଖଣ୍ଡୀକରଣ: କେବଳ ରାୟପୁର-ବିଶାଖାପାଟଣା କରିଡରରେ ଓଡ଼ିଶାରେ ପ୍ରାୟ ୬୦% ରାସ୍ତା ଜଙ୍ଗଲ ଜମି ଦେଇ ଗତି କରେ । ଏହା ବାସସ୍ଥାନ ବିଖଣ୍ଡନକୁ ନେଇଥାଏ, ଯାହା ବନ୍ୟପ୍ରାଣୀଙ୍କ ଗତିବିଧିକୁ ପ୍ରଭାବିତ କରିଥାଏ । ବନ୍ୟପ୍ରାଣୀ ସୁରକ୍ଷା ପଦକ୍ଷେପ: ପ୍ରଭାବକୁ ହ୍ରାସ କରିବା ପାଇଁ, NHAI(National Highway Authority of India) ବିଶେଷକରି ଦକ୍ଷିଣ ଓଡ଼ିଶାର ପାହାଡିଆ ଜଙ୍ଗଲ ଅଂଶରେ ପ୍ରାଣୀ ଅଣ୍ଡରପାସ୍, ଓଭରପାସ୍ ସମେତ ପରିବେଶ-ଅନୁକୂଳ ଗଠନକୁ ଅନ୍ତର୍ଭୁକ୍ତ କରୁଛି । ଜଳ ପରିଚାଳନା ବିପଦ: ନିର୍ମାଣ କାର୍ଯ୍ୟକଳାପରେ ପ୍ରମୁଖ ନଦୀ ପାର ହେବା ଅନ୍ତର୍ଭୁକ୍ତ, ଯାହା ସଠିକ୍ ଭାବରେ ପରିଚାଳନା ନ ହେଲେ ସ୍ଥାନୀୟ ଜଳବିଜ୍ଞାନକୁ ପ୍ରଭାବିତ କରିପାରେ, ଯଦିଓ ସରକାର ଜଳ ସମ୍ପଦ ପାଇଁ କଠୋର ପରିବେଶ ପରିଚାଳନା ଯୋଜନା (EMPs) ନିର୍ଦ୍ଦେଶ ଦେଇଛନ୍ତି । ସବୁଜ କରିଡର ପଦକ୍ଷେପ: ପରିବେଶଗତ ପ୍ରଭାବର ମୁକାବିଲା କରିବା ପାଇଁ, ଓଡ଼ିଶା ସରକାର ୨୦୨୫ ରେ ଏକ 'ସବୁଜ କରିଡର ପଦକ୍ଷେପ' ଆରମ୍ଭ କରିଛନ୍ତି, କାର୍ବନ ପାଦଚିହ୍ନ ହ୍ରାସ କରିବା ପାଇଁ ରାଜପଥ ସହିତ ବୃକ୍ଷରୋପଣ ପାଇଁ ରାସ୍ତା ପ୍ରକଳ୍ପ ଖର୍ଚ୍ଚର ୧ % ବ୍ୟୟ ବରାଦ କରିଛନ୍ତି । ଆଦିବାସୀ ଏବଂ ପରିବେଶ ବ୍ୟବସ୍ଥା ଉପରେ ପ୍ରଭାବ: ପ୍ରକଳ୍ପଗୁଡ଼ିକ ପାରମ୍ପରିକ ଆଦିବାସୀ ଜୀବିକା ଏବଂ ଜଙ୍ଗଲ ପରିବେଶ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରିବାର ବିପଦ ସୃଷ୍ଟି କରୁଛି । ନୂତନ ପଦକ୍ଷେପଗୁଡ଼ିକର ଧ୍ୟାନ ଏଗୁଡ଼ିକୁ ସନ୍ତୁଳିତ କରିବା ପାଇଁ ସମ୍ପ୍ରଦାୟ-ଆଧାରିତ ବନୀକରଣ ପରିଚାଳନା ପ୍ରଦାନ କରିବା, ଯଦିଓ ଶିଳ୍ପ ବ୍ୟବହାର ପାଇଁ ଜଙ୍ଗଲର ପରିବର୍ତ୍ତନ ସମ୍ପର୍କରେ ଚିନ୍ତା ରହିଛି । ତଥାପି, ବିକାଶର ପରିମାଣ ଭିତ୍ତିଭୂମି ପ୍ରସାରଣ ଏବଂ ଦକ୍ଷିଣ ଓଡ଼ିଶାର ଘନ ଜଙ୍ଗଲ ଏବଂ ଜୈବ ବିବିଧତାର ସଂରକ୍ଷଣ ମଧ୍ୟରେ ଏକ ନିରନ୍ତର ଦ୍ୱନ୍ଦ୍ୱ ସୃଷ୍ଟି କରେ । ଏହା ହେଉଛି ସରକାରୀ କଥା, କିନ୍ତୁ ବାସ୍ତବିକତା କଣ ? ଦକ୍ଷିଣ ଓଡ଼ିଶାରେ ପ୍ରସ୍ତାବିତ ଅର୍ଥନୈତିକ କରିଡର ପ୍ରକଳ୍ପକୁ ନେଇ ଚାଲିଥିବା ବିତର୍କ କେବଳ ବିକାଶର ଗତି ବିଷୟରେ ନୁହେଁ, ବରଂ ପ୍ରକୃତି ଏବଂ ପରିବେଶର ଭବିଷ୍ୟତ ବିଷୟରେ ମଧ୍ୟ । ଏହି ପ୍ରକଳ୍ପକୁ ରାସ୍ତା, ଶିଳ୍ପ ଏବଂ ବାଣିଜ୍ୟିକ ଭିତ୍ତିଭୂମି ବିସ୍ତାର ନାମରେ ଉପସ୍ଥାପିତ କରାଯାଉଛି, କିନ୍ତୁ ଏହା ପଛରେ ଥିବା ସତ୍ୟ ବହୁତ ଗଭୀର ଏବଂ ଚିନ୍ତାଜନକ । ଯେତେବେଳେ ଆମେ 'ବିକାଶ' ଶବ୍ଦଟି ଶୁଣୁ, ସେତେବେଳେ ଆମେ ଆଧୁନିକତା, ନିଯୁକ୍ତି ଏବଂ ସୁବିଧାର ପ୍ରତିଛବି ସୃଷ୍ଟି କରୁ । କିନ୍ତୁ ଏହି ପ୍ରତିଛବି ଅସମ୍ପୂର୍ଣ୍ଣ, କାରଣ ଏହା ପଛରେ ପ୍ରକୃତିର ନୀରବ ବିଳାପ ରହିଛି । ଦକ୍ଷିଣ ଓଡ଼ିଶାର ପାହାଡ଼, ଜଙ୍ଗଲ, ନଦୀ ଏବଂ ଜୈବ ବିବିଧତା କେବଳ ଭୌଗୋଳିକ ସମ୍ପତ୍ତି ନୁହେଁ, ବରଂ ସେଠାକାର ଆଦିବାସୀ ସମ୍ପ୍ରଦାୟର ଆତ୍ମା । ଏହି ପ୍ରକଳ୍ପ ଫଳରେ ହଜାର ହଜାର ଗଛ କଟାଯିବ, ନଦୀର ପ୍ରବାହ ପରିବର୍ତ୍ତନ ହେବ ଏବଂ ପର୍ବତରେ ଯନ୍ତ୍ରପାତିର ଚିହ୍ନ ରହିବ । ପ୍ରକୃତିର ଶୋଷଣ ବିକାଶ ସହିତ ସମର୍ଥକ ହୋଇପାରେ ନାହିଁ । ଯେତେବେଳେ ଜଙ୍ଗଲ ନଷ୍ଟ ହୁଏ, କେବଳ ଗଛ କଟାଯାଏ ନାହିଁ, ବରଂ ପକ୍ଷୀ ବସା, ପଶୁ ଆଶ୍ରୟସ୍ଥଳ ଏବଂ ମଣିଷର ନିଶ୍ୱାସ ମଧ୍ୟ ନଷ୍ଟ ହୁଏ । ଅମ୍ଳଜାନ ଯୋଗାଉଥିବା ଗଛର ବିନାଶ ସିଧାସଳଖ ମାନବ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ପ୍ରଦୂଷଣ ବୃଦ୍ଧି ପାଏ, ତାପମାତ୍ରା ଅସ୍ଥିର ହୁଏ ଏବଂ ଜଳବାୟୁ ପରିବର୍ତ୍ତନ ତ୍ୱରାନ୍ୱିତ ହୁଏ । ଦକ୍ଷିଣ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ, ଯେଉଁମାନେ ଜଙ୍ଗଲ ଏବଂ ନଦୀ ଉପରେ ନିର୍ଭରଶୀଳ, ସେମାନଙ୍କର ଜୀବିକା ହରାଇବେ । ସେମାନଙ୍କ ପାଇଁ, ଏହି ପ୍ରକଳ୍ପ କେବଳ ଆର୍ଥିକ ବିସ୍ଥାପନ ନୁହେଁ ବରଂ ସାଂସ୍କୃତିକ ବିନାଶକୁ ମଧ୍ୟ ପ୍ରତିନିଧିତ୍ୱ କରେ । ବିକାଶ ନାମରେ ପ୍ରକୃତିର ଶୋଷଣ କେତେ ପରିମାଣରେ ଯଥାର୍ଥ ? ଏହି ପ୍ରଶ୍ନ ଆମକୁ ଆମ ମୂଳକୁ ହଲାଇ ଦିଏ । ଆମେ ପ୍ରକୃତି ପ୍ରତି ପ୍ରକୃତିକୁ ନ୍ୟାୟ ଦେଉଛୁ କି ? ଯେତେବେଳେ ଆମେ ଜଙ୍ଗଲ ନଷ୍ଟ କରୁ ଏବଂ ନଦୀ ବନ୍ଧ କରୁ, ଆମେ କେବଳ ବର୍ତ୍ତମାନ ପିଢ଼ିର ଆବଶ୍ୟକତା ପୂରଣ କରୁଛୁ, ଭବିଷ୍ୟତ ପିଢ଼ିକୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛୁ । ଏହା ପ୍ରକୃତି ଏବଂ ମାନବତା ଉଭୟ ପ୍ରତି ଅନ୍ୟାୟ ।ଏହି ପ୍ରକଳ୍ପ ଦ୍ୱାରା ହେଉଥିବା ପରିବେଶଗତ କ୍ଷତି କେବଳ ସ୍ଥାନୀୟ ହେବ ନାହିଁ । ଜଙ୍ଗଲ କଟା କାର୍ବନ ନିର୍ଗମନ ବୃଦ୍ଧି କରିବ, ଯାହା ବିଶ୍ୱ ଉଷ୍ଣତା ଆଣିବ । ନଦୀ ପ୍ରବାହରେ ପରିବର୍ତ୍ତନ କୃଷି ଉପରେ ପ୍ରଭାବ ପକାଇବ ଏବଂ ଭୂତଳ ଜଳ ସ୍ତର ହ୍ରାସ କରିବ । ପର୍ବତ ଖଣି ମାଟି କ୍ଷୟ ଏବଂ ଭୂମିସ୍ଖଳନ ବୃଦ୍ଧି କରିବ । ଏସବୁ ମାନବ ଜୀବନକୁ ଅସୁରକ୍ଷିତ କରିବ । ମଣିଷ ଏବଂ ପ୍ରକୃତି ମଧ୍ୟରେ ସମ୍ପର୍କ ସହଜୀବୀ । ଆମେ ପ୍ରକୃତିକୁ ଯେତେ ସୁରକ୍ଷା ଦେଉ, ଏହା ଆମକୁ ସେତେ ସୁରକ୍ଷା ଦିଏ । କିନ୍ତୁ ଯେତେବେଳେ ଆମେ ବିକାଶ ପାଇଁ ଅନ୍ଧ ଦୌଡ଼ରେ ପ୍ରକୃତିକୁ ବଳିଦାନ ଦେଉଛୁ, ଶେଷରେ ଆମେ ଏହାର ପରିଣାମ ଭୋଗ କରୁ । ଦକ୍ଷିଣ ଓଡ଼ିଶାର ଏହି ପ୍ରକଳ୍ପ ଆମକୁ ସତର୍କ କରାଇ ଦେଉଛି ଯେ ଯଦି ଆମେ ସମୟ ମଧ୍ୟରେ ସନ୍ତୁଳନ ରକ୍ଷା ନକରନ୍ତି, ତେବେ ଆଗାମୀ ବର୍ଷଗୁଡ଼ିକରେ ଆମେ କେବଳ ପରିବେଶଗତ ସଙ୍କଟର ସମ୍ମୁଖୀନ ହେବୁ ନାହିଁ, ବରଂ ସାମାଜିକ ଏବଂ ଆର୍ଥିକ ଅସମାନତା ମଧ୍ୟ ବୃଦ୍ଧି ପାଇବ । ବିକାଶର ପ୍ରକୃତ ଅର୍ଥ ହେଉଛି ପ୍ରକୃତି ଏବଂ ମଣିଷ ଉଭୟଙ୍କ କଲ୍ୟାଣ ସୁନିଶ୍ଚିତ କରିବା । ଯଦି ରାସ୍ତା ନିର୍ମାଣ କରାଯାଏ, ତେବେ ସେଗୁଡ଼ିକ ଜଙ୍ଗଲ କାଟି ନଦେଇ ନିର୍ମାଣ କରାଯିବା ଉଚିତ, ଏବଂ ଯଦି ଶିଳ୍ପ ପ୍ରତିଷ୍ଠା ହୁଏ, ତେବେ ସେଗୁଡ଼ିକ ପ୍ରଦୂଷଣ ସୃଷ୍ଟି ନକରି ଚାଲିବା ଉଚିତ । କିନ୍ତୁ ଯେତେବେଳେ ବିକାଶ କେବଳ ପୁଞ୍ଜି ଏବଂ ଲାଭ ଉପରେ ନିର୍ଭର କରେ, ତେବେ ଏହା ବିନାଶର ସମାନାର୍ଥକ ହୋଇଯାଏ । ଦକ୍ଷିଣ ଓଡ଼ିଶା ଅର୍ଥନୈତିକ କରିଡର ଆମକୁ ବିଚାର କରିବାକୁ ବାଧ କରେ ଯେ ଆମେ ପ୍ରକୃତରେ ପ୍ରଗତି କରୁଛୁ ନା କେବଳ ପ୍ରକୃତିର ଶୋଷଣ କରୁଛୁ । ଯଦି ଆମେ ଜଙ୍ଗଲ, ନଦୀ ଏବଂ ପର୍ବତକୁ ସୁରକ୍ଷା ଦେଇପାରିବା ତେବେ ହିଁ ମାନବତାର ଭବିଷ୍ୟତ ସୁରକ୍ଷିତ ହେବ । ତେଣୁ, ବିକାଶର ପରିଭାଷାକୁ ପୁନଃପରିଭାଷିତ କରିବାର ଆବଶ୍ୟକତା ଅଛି । ବିକାଶ ହେଉଛି ଯାହା ପ୍ରକୃତିକୁ ସଂରକ୍ଷଣ କରେ, ମାନବତାକୁ ସୁରକ୍ଷା ଦିଏ ଏବଂ ଭବିଷ୍ୟତ ପିଢ଼ିକୁ ଜୀବନଯାପନର ଅଧିକାର ଦିଏ । ଦକ୍ଷିଣ ଓଡ଼ିଶାର ଏହି ପ୍ରକଳ୍ପ ଆମକୁ ଶିଖାଏ ଯେ ପ୍ରକୃତି ପ୍ରତି ଅନ୍ୟାୟ କରି କୌଣସି ସମାଜ ସ୍ଥାୟୀ ପ୍ରଗତି ହାସଲ କରିପାରିବ ନାହିଁ । ଆମକୁ ସ୍ୱୀକାର କରିବାକୁ ପଡିବ ଯେ ପ୍ରକୃତି ହେଉଛି ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି, ଏବଂ ଏହାର ସଂରକ୍ଷଣ ହେଉଛି ପ୍ରକୃତ ବିକାଶ ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ପିଲାଙ୍କ ମହାଭାରତ-୮୩

## ମତ୍ସ୍ୟ ରାଜ୍ୟରେ ପାଣ୍ଡବଙ୍କ ମନ୍ତ୍ରଣା-୩



ନିତ୍ୟାନନ୍ଦ ପଣ୍ଡା



ରାଜା ଦ୍ରୁପଦ କହିସାରିବା ପରେ କୃଷ୍ଣ ଠିଆ ହେଲେ। ଦ୍ରୁପଦଙ୍କୁ ଲକ୍ଷ୍ୟକରି କହିଲେ: ତୁମେ ଯାହା କହିଲ, ତାହା ସଂପୂର୍ଣ୍ଣ ରାଜୋଚିତ । ଦେଖନ୍ତୁ, ମୁଁ ଏବଂ ଭାଇ ବଳରାମ ଏଠିକୁ ଆସିଛୁ, କେବଳ ଅଭିମନ୍ୟୁର ବିବାହ ପାଇଁ । ଆସନ୍ତା କାଲି ଆମେ ଦ୍ୱାରକା ଫେରିଯିବୁ । ମୁଁ କହିରଖେ, ଉଭୟ ପାଣ୍ଡବ ଓ କୌରବ ଭାଇଙ୍କ ପ୍ରତି ଆମର ସମାନ ଶ୍ରଦ୍ଧା ରହିଛି । ସମସ୍ତେ ଆମର ସଂପର୍କୀୟ । ହେ ରାଜା! ଧୃତରାଷ୍ଟ୍ର ଆପଣଙ୍କୁ ସମ୍ମାନ ଦିଅନ୍ତି । ଏବଂ ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟ ଆପଣଙ୍କର ପିଲାଦିନର ସାଥୀ । ତେଣୁ ଆପଣଙ୍କ ଶାନ୍ତି ବାର୍ତ୍ତାର ଗୁରୁତ୍ୱ ରହିବ । ଯେଉଁ ବ୍ରାହ୍ମଣଙ୍କୁ ଦୂତ ଭାବେ ପଠେଇବା ଭାବୁଛନ୍ତି, ଶୀଘ୍ର ପଠାନ୍ତୁ । ଯଦି ଦୁର୍ଯ୍ୟୋଧନକୁ ମନେଇବା ଅସମ୍ଭବ ମନେହୁଏ ତେବେ ଯୁଦ୍ଧ ଅବଶ୍ୟମ୍ଭାବୀ । ଆପଣମାନେ ସମସ୍ତେ ଜ୍ଞାନୀ, ବରିଷ୍ଠ ଓ ବିଚାରବନ୍ତ । ଆମକୁ ଉପଦେଶ ଦେବେ । ଯଦି ଯୁଦ୍ଧ ନିଶ୍ଚିତ ବୋଲି ଜଣାପଡ଼େ, ଆମକୁ ସମ୍ବାଦ ଦେବେ ।

ମନ୍ତ୍ରଣା ସଭା ଶେଷ ହେଲା । ଶ୍ରୀକୃଷ୍ଣ ଓ ବଳରାମ ଦ୍ୱାରକା ଫେରିଗଲେ । ଅନ୍ୟ ମିତ୍ର ରାଜାମାନେ ସେମାନଙ୍କ ଅନୁଚରଙ୍କ ସହ ନିଜ ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ଏବଂ ଅନୁପସ୍ଥିତ ମିତ୍ର ରାଜାମାନଙ୍କୁ ଯୁଦ୍ଧ ପ୍ରସ୍ତୁତି ପାଇଁ ବାରତା ପଠାଗଲା ।

ଅନ୍ୟପକ୍ଷରେ, ଦୁର୍ଯ୍ୟୋଧନ ଚୁପ୍ ହୋଇ ବସିନଥିଲା । ସେ ତା'ର ସମର୍ଥକ ରାଜାମାନଙ୍କ ପାଖକୁ ଦୂତ ପଠେଇ ଯୁଦ୍ଧ ପ୍ରସ୍ତୁତି ପାଇଁ ବାର୍ତ୍ତା ପ୍ରେରଣ କରିଥିଲା ।

ରାଜା ଦ୍ରୁପଦ, ଜଣେ ସମାନାସ୍ପଦ ବ୍ରାହ୍ମଣଙ୍କୁ ଡାକି କହିଲେ- ତୁମେ ହସ୍ତିନାପୁର ଯାଅ । ଦୁର୍ଯ୍ୟୋଧନର ମତିଗତି ବିଷୟରେ ତୁମକୁ ସବୁଜଣା । ତୁମେ ବିଦୁର, ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ସହ ପୃଥକ୍ ଆଲୋଚନା କରିବ । ରାଜା ଧୃତରାଷ୍ଟ୍ରଙ୍କୁ ଭଲ ଓ ଖରାପ ଦିଗ ବିଷୟରେ ଜଣେଇବ । ଦୁର୍ଯ୍ୟୋଧନର ସ୍ପଷ୍ଟ ମତ ଶୁଣିବ । ତୁମର ଶାନ୍ତି ବାର୍ତ୍ତାର ଭାଗ୍ୟ କ'ଣ ହେବ ଦେଖିବା । ଈଶ୍ୱରଙ୍କ ଇଚ୍ଛାରେ ଯଦି ସମାଧାନ ହୋଇଯାଏ ଅତି ଉତ୍ତମ । ନୋହିଲେ ଯୁଦ୍ଧ ଅନିବାର୍ଯ୍ୟ ।

ବ୍ରାହ୍ମଣ ହସ୍ତିନାପୁର ଚଳିଗଲା ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଏ ଖରା ଛୁଟିରେ

*ନୀଳମଣି ଚାନ୍ଦ*

ବରଷକେ ଥରେ ହୁଏ ଖରାଛୁଟି
ଛାତ୍ରୀଛାତ୍ରଙ୍କର ପାଇଁ
ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାର
ସଂଖ୍ୟା କହି ହୁଏନାହିଁ ।
ଶୋଇବା, ଖେଳିବା, ବୁଲିବାରେ କଟେ
ପିଲାଙ୍କର ଖରା ଛୁଟି
କିଏ କହେ ଏବେ ପଢ଼ାପଢ଼ି ନାହିଁ
ନିଦରୁ ଡେରିରେ ଉଠି ।
ଭଲପିଲା ଯିଏ ଏଇ ଛୁଟିଟିରେ
ପଢ଼େ ନୂଆ ନୂଆ ବହି
ଉପର ଶ୍ରେଣୀର ପାଠ୍ୟପୁସ୍ତକଟି
ଭାବେ ପଢିବାଟି ସହି ।
ଗୀତା, ରାମାୟଣ, ମହାଭାରତକୁ
ଯାଏନି ସିଏରେ ଭୁଲି
ଘର, ଗାଆଁ ପାଇଁ ଭଲ ଭଲ କାମ
କରେ ସିଏ ବୁଲି ବୁଲି ।
ଯିଏ ଧରୁ ପଛେ ମୋବାଇଲଟିରେ
ସିଏ କହେ ନାଇଁ ନାଇଁ
ସମୟର ଇଏ ଅପଚୟ ପରା
ତା ପାଖ ପଶିବି ନାହିଁ ।
ଖରା ଛୁଟିଟିର ସଦୁପଯୋଗଟି
କର ମାନୀ, ମୁନା, ମୀନା
ଭବିଷ୍ୟତ କା'ର ହୁଏ କି ଉଜ୍ଜ୍ୱଳ
ଭଲ କାମଟିର ବିନା ।

*୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର-୨୯*
*ମୋ-୯୫୮୩୨୦୨୩୫୭*

# ସୁନ୍ଦର ଦିଶିବ ଧରା

*ପ୍ରଫୁଲ୍ଲ କୁମାର ସାହୁ*

ଆସ ଲଗାଇବା ଚାରା,
ଚାରା ବଢ଼ି ଯେବେ ଗଛଟିଏ ହେବ
ସୁନ୍ଦର ଦିଶିବ ଧରା ।୧।

ଗଛରେ ଫୁଟିବ ଫୁଲ,
ଫୁଲ ଫୁଟି ଯେବେ ବାସ ମହକିବ
ଲାଗିବ ଯେ କେତେ ଭଲ ।୨।

ଗଛରେ ଚଢ଼େଇ ବସି,
କିଚିରି ମିଚିରି ଗୀତ ଗାଇ ଦେଲେ
ଶୁଣି ହେବା ଆମେ ଖୁସି ।୩।

ଗଛରେ ଫଳିବ ଫଳ,
ପାଚିଲେ ଖାଇବା ମିଳିମିଶି ଆମେ
ତୋଳି ନେଇ ଗଛ ତଳ ।୪।

ଦେଖି ଆମେ ଗଛ ଛାଇ,
ବାଗୁଡ଼ି ଖେଳିବା କବାଡି ଖେଳିବା
ସଭିଏଁ ଏକାଠି ହୋଇ ।୫।

ଗଛର ଶୁଖିଲା ଡାଳ,
ଶୁଖିଲା ପତର ସାଇତି ରଖିବା
ଘରେ ହେବ ଆମ ଜାଳ ।୬।

ଗଛ ବଡ଼ ଉପକାରୀ,
ପ୍ରଶ୍ୱାସ ପାଇଁ ସେ ଦିଏ ଅମ୍ଳଜାନ
କିଏ ବନ୍ଧୁ ତାହା ପରି ।୭।

*ପ୍ରଧାନ ଶିକ୍ଷକ, ଯଦୁ-ମାଳତୀ*
*କୃପା ନିବାସ, ଶକ୍ତି ବିହାର/*
*ବାଲିପଡ଼ା, ମାହାଙ୍ଗା, କଟକ*
*ମୋ- ୭୬୦୯୦୪୪୩୮୩*







# ଖଇ ଫୁଟା ଖରା ଛୁଇଁଲାଣି ଧରା

*ଜୟକୃଷ୍ଣ ସାହୁ*

ଖଇଫୁଟା ଖରା ଛୁଇଁଲାଣି ଧରା
ମୁଣ୍ଡ କରେ ଝାଇଁ ଝାଇଁ
ଇସ୍କୁଲ କଲେଜ ଛୁଟି ହୋଇଲାଣି
ପିଲାଙ୍କ ସୁରକ୍ଷା ପାଇଁ
ମାନି ଗୁରୁଜନ କଥା,
ଦହି ସରବତ ତରଭୁଜ ଖାଇ
ଦୂର କର କ୍ଳାନ୍ତି ବ୍ୟଥା ।
ପିଲାଏ ମୋ କଥା ମାନିବ ଯଦିରେ
ବୁଝାଇ କହିବି ମୁହିଁ
ସବୁ ଶୁଣି ଯଦି ନ ମାନିବ ତୁମେ
ତାହେଲେ କହିବି କାହିଁ ?
ଘରେ ବସି ପଢ଼ ପାଠ,
ତୁମେ ଯେବେ ଗୋଡ଼ କାଢ଼ିବ ପଦାକୁ
ହୋଇପାରେ ଅଂଶୁଘାତ ।
ଇସ୍କୁଲ ତୁମର ଛୁଟି ହେଲା ବୋଲି
ପଢ଼ାରେ ନକର ହେଳା
ବାକିଆ ପାଠକୁ ପଢ଼ି ସାରିଦିଅ
ଏଇ ତ ସୁଯୋଗ ବେଳା
ଖରା କରୁଥାଉ ନାଟ,
ଖାଇପିଇ ଖେଳି ପଢ଼ି ସାରିଦିଅ
ବୁଝି ମାମା ଠାରୁ ପାଠ ।
ଖରା ତ ଆସିବ ଯିବ,
ତୁଚ୍ଛାରେ ସମୟ ନଷ୍ଟ କରି ତୁମେ
କେଉଁ ଲାଭଟି ପାଇବ ?

*କପିଳ ପ୍ରସାଦ, ଭୁବନେଶ୍ୱର-୨*

# ଦୀପଟିଏ ହୋଇ ଜଳିବି

*ସୁରମା ମିଶ୍ର*



ଦୀପଟିଏ ହୋଇ ଜଳିବି ପ୍ରଭୁହେ
ଦୀପଟିଏ ହୋଇ ଜଳିବି
ଚଉଦିଗେ ମୋର ଆଲୋକ ବିଛେଇ
ଅନ୍ଧକାର ନାଶ କରିବି ॥

ଝରଣାଟେ ହୋଇ ବହିବି ପ୍ରଭୁହେ
ଝରଣାଟେ ହୋଇ ବହିବି
କୁଳୁକୁଳୁ ନାଦେ ଗୀତ ଗାଇଗାଇ
ସଭିଙ୍କର ମନ ମୋହିବି ॥

ମହୁମାଛିଟିଏ ହୋଇବି ପ୍ରଭୁ ହେ
ମହୁମାଛିଟିଏ ହୋଇବି
ଦିନସାରା ମୁହିଁ ମହୁ ସଞ୍ଚିସଞ୍ଚି
ପର ଉପକାର କରିବି ॥

ଟିକି ଚଢ଼େଇଟେ ହୋଇବି ପ୍ରଭୁ ହେ
ଟିକି ଚଢ଼େଇଟେ ହୋଇବି
ନୀଳ ଆକାଶରେ ଡେଣା ଝାଡ଼ିଝାଡ଼ି
ଘୁରିଘୁରି ଉଡ଼ି ବୁଲିବି ॥

ଫୁଲ ଟାହିଆଟେ ହୋଇବି ପ୍ରଭୁ ହେ
ଫୁଲ ଟାହିଆଟେ ହୋଇବି
ତୁମ ମସ୍ତକରେ ଝୁଲିଝୁଲି ମୁହିଁ
ଶୋଭା ବର୍ଦ୍ଧନ କରିବି ॥

ଚନ୍ଦନ କାଠଟେ ହୋଇବି ପ୍ରଭୁ ହେ
ଚନ୍ଦନ କାଠଟେ ହୋଇବି
ତୁମ ଶ୍ରୀ ଅଙ୍ଗରେ ଲାଗି ହୋଇ ମୁହିଁ
ନିଜକୁ ଧନ୍ୟ ମଣିବି ॥

ଦୟଣା ମାଳଟେ ହୋଇବି ପ୍ରଭୁ ହେ
ଦୟଣା ମାଳଟେ ହୋଇବି
ତୁମ ଶ୍ରୀ ଭୂଜର ଶୋଭା ବଢ଼ାଇ ମୁଁ
ଜଗତେ ବିଖ୍ୟାତ ହୋଇବି ॥

କଳା ଶ୍ରୀ ମୁଖକୁ ଚାହିଁବି ପ୍ରଭୁ ହେ
କଳା ଶ୍ରୀ ମୁଖକୁ ଚାହିଁ ଥିବି
ତୁମ ଶ୍ରୀ ଚରଣେ ଆଶ୍ରିତ ହୋଇ ମୁଁ
ଜୀବନ ଉତ୍ସର୍ଗ କରିବି ॥

*ବିଏଲ୍-୩୯, ଭି ଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଖରାଦିନ ଆମ ଏମିତି କଟେ

*ନିରଞ୍ଜନ ସାହୁ*



ସକାଳୁ ଟିକେ କଅଁଳ ଖରା
ନିମିଷକରେ ତାତଇ ଧରା
ସୂର୍ଯ୍ୟ ଦେଖାଏ ଭାଉ
ପାଣି ସାମାନ୍ୟ ଶୀତଳ ଥାଏ
ଥଣ୍ଡା ପବନ କୁଆଡ଼େ ଯାଏ
ଛାଇରେ ବସିଥାଉ ।

ଖରା ବଢ଼ଇ ବେଳକୁ ବେଳ
ସାଙ୍ଗପିଲାଏ ହୋଇକି ମେଳ
ନଦୀ, ପୋଖରୀ ଯାଉ
ମନ ଖୁସିରେ ପହଁରା ସାରି
ଘରକୁ ଫେରୁ କୁହାଟ ମାରି
ପଖାଳ ଭାତ ଖାଉ ।

ଖରାବେଳରେ ଖରାଟା ନିଆଁ
ନ ଡରି ଆମେ ମାରୁଛୁ ଡିଆଁ
ଆମ୍ବ ତୋଟାକୁ ଯାଇ
ଜଗୁଆଳିଟା ଆମକୁ ତଡ଼େ
ପାଚିଲା ଆମ୍ବ ଗଛରୁ ଝଡ଼େ
ନାଚୁ ଆମ୍ବକୁ ଖାଇ ।

ଅପରାହ୍ଣରେ ଖରାଟା କମେ
ସାଙ୍ଗସାଥିଙ୍କ ଆସର ଜମେ
ଚାଲଇ ଗପସପ
କିଏ କେମିତି ଟିକିଏ ଖେଳେ
ଘରକୁ ଫେରୁ ସଞ୍ଜୁଆ ବେଳେ
ଚାଲଇ ନାମ ଜପ ।

ରାତି ବଢ଼ଇ ଶୀତଳ ଲାଗେ
ସଭିଏଁ ବସୁ ଅଗଣା ଆଗେ
ମଲ୍ଲୀ ଫୁଟିକି ବାସେ
ସୁଲୁସୁଲିଆ ପବନ ବହେ
ଆମ ବୁଢ଼ୀମା' ଗପଟେ କହେ
ନିଦ ମାଉସୀ ଆସେ ।

ପଙ୍ଖା, କୁଲର ଅଥବା ଏସି
ହାତ ବିଞ୍ଚଣା ସମ୍ପୂର୍ଣ୍ଣ ଦେଶୀ
ଦେହକୁ ଥଣ୍ଡା କରେ
କାଳବୈଶାଖୀ ହୁଅଇ ଯେବେ
ବରଷା ଟିକେ ପଡଇ ତେବେ
ମନରେ ଖୁସି ଭରେ ।

*ନିହଳ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ତାଳସଜ

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଖରାଦିନିଆ ଫଳଟି ପରା
ନାଆଁଟି ତାଳସଜ
ଗାଆଁ ଗହଳେ ତୋଟା ତମାଳେ
ମିଳଇ ଏଇ ଚିଜ ॥
କଷିତାଳର ଗୋଟମାଟିରେ
ଥାଏ ତିନୋଟି ଫଳ
ଅଣ୍ଡା ଭଳିଆ ଦିଶର ଧଳା
ରୂପଟି ଗୋଲଗାଲ ॥
ଭରି ରହିଛି ତାଳ ଭିତରେ
ଥଣ୍ଡା ମଧୁର ଜଳ
ହିତ ସାଧିବା ପାଇଁ ପ୍ରକୃତି
ଖଞ୍ଜିଛି ଏଇ ଫଳ ॥
ଗ୍ରୀଷ୍ମକାଳେ ଲୋଡା ଆମର
ତଟକା ତାଳରସ
ଚୋପା ଛଡେଇ ଖାଇବା ଆସ
ଭିତରୁ ତା'ର ଶସ ॥
ଦିଶେ ସୁନ୍ଦର ଲାଗେ କଅଁଳ
ସତେଜ ତାଳଗଜା
ଖାଇଚି ଯିଏ ଜାଣିଚି ସିଏ
ପାଇଛି ତା'ର ମଜା ॥
ଆମ ରାଇଜେ ଆସୁଛି ଜଲଦି
ଲୋକ ପରବ ରଜ
ପାଚିଲା ଆମ୍ବ ପଣସ ସାଙ୍ଗେ
ଖାଇବା ତାଳସଜ ॥

*ଓସ୍କାର ସିଟି, ଲକ୍ଷ୍ମୀସାଗର*
*କେନାଲ ରୋଡ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*







# ଶୂନ ଗାଡ଼ି

*ସୁଜିତ କୁମାର ମିଶ୍ର*

ଦୁଇଟି ଚକା ଶୂନ ପରିକା
ଅଛି ଦେହରେ ମୋର,
ଇନ୍ଧନ ବିନା ଚାଲଇ ମୁହିଁ
ପଥରେ ନିରନ୍ତର ।

ଧାତୁରେ ଗଢା ଦେହଟି ମୋର
ନାନା ରଙ୍ଗରେ ଭରା,
ବଜାର ହାଟ ସବୁଠି ଯାଏ
ବୋଝ ବୋହି କି ପରା ।

ଭିଡ ଭିତରେ ସହଜରେ ମୁଁ
ସବୁଠୁ ଆଗେ ଚାଲେ,
ଛୋଟରୁ ବଡ ପ୍ରିୟ ସାଥୀ ମୁଁ
ଘରେ କାହାର ଥିଲେ ।

ଶରୀର ରୁହେ ସୁସ୍ଥ ସତେଜ
ଚଲାଉଥିଲେ ମୋତେ,
ଅଳସପଣ ଦୂରେଇ ଯାଇ
ଶକତି ମିଳେ କେତେ ।

ଶୂନଗାଡିଟେ ପାଖରେ ଥିଲେ
ଆନନ୍ଦେ ବୁଲି ହୁଏ,
ଚଳ ଚଞ୍ଚଳ ହୋଇ ଶରୀର
କରମେ ଲାଗୁଥାଏ ।

ଚାରିଚକିଆ ଗାଡି ପରି ମୁଁ
ନୁହଁଇ ଦାମ୍ ବେଶୀ,
କିନ୍ତୁ ଗୁଣରେ ଅଧିକ ମୁହିଁ
ସକଳ ହୃଦେ ବସି ।

ପଣ କରି କି ଆଜିଠୁ ଆମେ
କିଣିବା ଶୂନଗାଡି,
ଦେଶ ଶଙ୍କଟେ ହୋଇବା ଆମେ
ପ୍ରୀତିର ଆଶାବାଡି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ଏଇ ମୋର ଟିକି ଘର

*ଶରତ କୁମାର ଦାସ*



ମମତା-ମନ୍ଦିର ଏ ଘରଟି ମୋର
ସତେ କି ସରଗ ପୁର,
ଖୁସିର ଝରଣା ଝରଝର ଝରି
କରିଦିଏ ଦୁଃଖ ଦୂର ।

ନଡ଼ା ଛପରରେ ତୋଳା ସିନା, ହେଲେ
ଶକତି ଅମାପ ତାର ।
ବିପଦରେ କେବେ ଦୋହଲି ଯାଇନି
ମାନିନି କେବେ ବି ହାର ।

ଏଇଠି ଲାଖିଛି ଷଠିଘର ମୋର
ଏନ୍ତୁଡ଼ିଶାଳର ଛବି,
ଖୁସିରେ ନାଚେଟି ମନ ମୋର ସଦା
କଥା ତାର ନିତି ଭାବି ।

ଥୁକୁଲୁଥୁକୁଲୁ ଚାଲି ମୁଁ ଶିଖିଛି
ତା ଛାତିରେ ପାଦ ରଖି,
ଅଳିଅରଦଳି କରିଛି କେତେ ମୁଁ
ଏ ଦାଣ୍ଡ ଆଗଣା ସାକ୍ଷୀ ।

ବାପା, ମାଆ, ଭାଇ, ଭଉଣୀଙ୍କୁ ନେଇ
ଏଇ ଘର ମୋର ହସେ,
ଜେଜେ, ଜେଜେମାଆ, କକା, ଖୁଡ଼ୀଙ୍କର
ସେନେହ ମନକୁ ରସେ ।

ମାଆ ରାନ୍ଧେ ଭାତ ଡାଲି ତରକାରୀ
ଯତନେ ଖରଡ଼େ ଶାଗ,
ଗରମଗରମ ପରଷି ଦିଏ ସେ
ପାଟିକି ଲାଗଇ ବାଗ ।

ବାପାଙ୍କ ଆକଟ ଦେଖାଇଛି ମୋତେ
ନିତି ନୂଆ ନୂଆ ବାଟ,
ବସ୍ତାନି ଧରିକି ଧାଇଁଛି ଇସ୍କୁଲ
ପଢ଼ିବାକୁ ମୁଁ ଯେ ପାଠ ।

ସଂଜ ଗଡ଼ିଗଲେ ଜେଜେମାଆ ମୋର
ଖୋଲିଦିଏ ଗପ ପେଡ଼ି,
ତା' ଗପପେଡ଼ିରୁ ଶୁଣିବାକୁ ଗପ
ବସିଯାଉ ଆମେ ବେଢ଼ି ।

ଏଇ ଘରେ ଆମେ ଏକାଠି ବସିଛୁ
ଏକାଠି ଖାଇଛୁ କେତେ,
କେତେ ରାଗରୁଷା ମାନଅଭିମାନ
ମନେପଡ଼ିଯାଏ ଯେତେ ।

ଛୋଟରୁ ବଡ଼ ମୁଁ ହୋଇଛି ଏ ଘରେ
ସଭିଙ୍କ ଆଦର ପାଇ,
ଆସୁ ଯେତେ ଝଡ଼ ଜୀବନରେ ତାକୁ
କେବେ ବି ଭୁଲିବି ନାହିଁ ।



*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ଆସ ଖରା ଛୁଟିରେ ଶିଖିବା

*ଅସୀମା ପ୍ରଧାନ*



ସମୟ ନଷ୍ଟ ନକରି ଆସ ଶିଖିବା
ଖରାଛୁଟିରେ ଆମେ ପାଠ ତ ପଢ଼ିବା ॥
କର୍ତ୍ତବ୍ୟ ଆମର କିଛି କିଛି ଶିଖିବା
ଶିଖି ଶିଖି ଦିନେ ତ ବଡ଼ ଯେ ହୋଇବା ॥
ବଡ଼ ହୋଇଲେ ସବୁ ପାଠ ଆବଶ୍ୟକ
ଛାଡନା ପାଠ ଛାଡରେ ଖେଳ ସଉକ ॥
ଭୁଲି ଗଲେ ସବୁ କଷ୍ଟ ତ ଯେ ହୋଇବ
ପଢିଥିଲେ ସିନା ଜଗତକୁ ଜିତିବା ॥
ହେଳା କଲେ ଭେଳା ପିଲେ ନିଶ୍ଚେ ବୁଡିବ
ଆମ ଲକ୍ଷ୍ୟ ଆମଠାରୁ ଦୂରେଇ ଯିବ ॥
ଥରେ ଗଲେ ସମୟ ମିଳେନାହିଁ ଆଉ
ଗେମ୍ ଖେଳିବା ନିଶା ସେତିକି ଥାଉ ॥
ଗୀତ ନାଚ ବାଦ୍ୟ ଚିତ୍ର ଯେତେକ କଳା
ଶିଖିବା ଆସ ସବୁ ନ କରିଣ ହେଳା ॥
ବନ୍ଦେ ମାତରମ୍ ଓ ଜନଗଣମନ
ବନ୍ଦେ ଉତ୍କଳଜନନୀ ସହ ଯେ ଗାନ ॥
ଶୀଘ୍ର ଶିଖି ଘୋଷି ସବୁ ମନେ ରଖିବା
ଦରକାର ବେଳେ ଠିଆ ହୋଇ ଗାଇବା ॥
ଆମ ବିଦ୍ୟାଳୟ ଓ ସଡ଼କ ସୁରକ୍ଷା
ପରିବେଶ ରକ୍ଷା ସହ ଶିଶୁ ସୁରକ୍ଷା ॥
ସବୁ ଚିତ୍ର ଆମେ ନିତି କରି ଅଙ୍କନ
ଜିତିବା ସବୁ ତ ପ୍ରତିଯୋଗିତା ମାନ ॥
ଭାଷଣ ବକ୍ତୃତା ଘୋଷି ମନେ ରଖିବା
ଜୟନ୍ତୀ ପାଳନ ବେଳେ ସ୍ପଷ୍ଟ କହିବା ॥



*ବୀରମହାରାଜପୁର, ସୁବର୍ଣ୍ଣପୁର*

# ଏଣ୍ଡୁଅ ଧରିଛି ଝିଣ୍ଟିକା

*କୀର୍ତ୍ତନ ସାହୁ*





ଏଣ୍ଡୁଅ ଧରିଛି ଝିଣ୍ଟିକା
ମୁକୁଳି ପାରୁନାହିଁ
ଅସ୍ତବ୍ୟସ୍ତ ହୁଏ କେମିତି
ବାହାରି ଯିବା ପାଇଁ ।

ମନେ ମନେ ସିଏ ଡାକିଲା
ପ୍ରଭୁ ହେ ରକ୍ଷା କର
ମୋତେ ସିଏ ମାରି ଖାଇବ
ମୋର ଭାରି ତ ଡର ।

ଯୋଗକୁ ବିଲେଇ ଗୋଟିଏ
କାହୁଁ ଆସିଲା ମାଡ଼ି
ଏଣ୍ଡୁଅକୁ ଯାଇ ଖାମ୍ପିବ
ଦିଏ ଦେହକୁ ଝାଡି ।

ଏଣ୍ଡୁଅ ଯେମିତି ଦେଖିଲା
ବିଲେଇ ଅଛି ଛପି
ପାଟି ମେଲି କରେ ଚିତ୍କାର
ଝିଣ୍ଟିକା ଯାଏ ଖସି ।

ବିପଦ ବେଳରେ ଡାକିଲେ
ପ୍ରଭୁ ହୁଅନ୍ତି ସାହା
ବୁଡି ଯାଉଥିବା ଲୋକକୁ
ଆଣି ଦିଅନ୍ତି ନାଆ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



ଡ. ଦ୍ୱିତୀ ଚନ୍ଦ୍ର ସାହୁ

# ସେବା ସଂକଳ୍ପ



ଖରା ଛୁଟିରେ ଘରକୁ ପହଁଚୁ ପହଁଚୁ ଚାନ୍ଦିନୀ ସାରକା ବ୍ୟସ୍ତ ହୋଇପଡିଲା । ସହର ଠାରୁ ବହୁ ଦୂରରେ ତାର ଡଂଗର ଉପରେ ଛୋଟ ଗାଁ । ସେଠାକାର କିଛି ଆଦିବାସୀ ପିଲା ଆଖପାଖ ହଷ୍ଟେଲରେ ରହି ପାଠ ପଢନ୍ତି । ଖରା ଛୁଟି ବୋଲି ସରକାର ଘୋଷଣା କରିବା ପରେ ବାପାମାଆମାନେ ଘରକୁ ନେଇ ଆସିଛନ୍ତି ପିଲାଙ୍କୁ । ଚାନ୍ଦିନୀ ଦେଖି ଆସିଛି ଖରା ଛୁଟିରେ ଗାଁକୁ ଫେରିଲେ ପିଲାମାନେ ଏଠିସେଠି ବୁଲନ୍ତି । ମାଟିଧୂଳିରେ ଖେଳନ୍ତି । ପାଖ ନାଳକୁ ଯାଇ ଧୁମ୍ ଗାଧୋଇଥାନ୍ତି । ନହେଲେ ଆମ୍ବ, ଖଜୁରୀ, ଡିମ୍ବିରି କି ଭାଲିଆ ଖାଇବାକୁ ଦଳ ଦଳ ହୋଇ ଡଂଗର ପାହାଡ ବୁଲନ୍ତି । ବାପାମାଆ ପାଠଶାଠ ପଢି ନାହାଁନ୍ତି ବୋଲି କିଏ କିଛି କହନ୍ତିନି । ଏଥର କିନ୍ତୁ ତାଙ୍କ ସାର ଗୋଟେ ନୂଆ କଥା କହିଛନ୍ତି ପିଲାଙ୍କୁ । ଚାନ୍ଦିନୀର ବହୁତ ପସନ୍ଦ ହୋଇଛି । ସକାଳ ପାହିଲା ପରେ ଘର ଘର ବୁଲି ପାଠ ପଢୁଥିବା ପିଲାଙ୍କୁ ଡାକିଲା ଚାନ୍ଦିନୀ । ଗାଁ ମୁଣ୍ଡର ବରଗଛ ମୂଳେ ସମସ୍ତେ ବସିଲେ । ଚାନ୍ଦିନୀ ତାଙ୍କ ଗାଁର ସବୁଠାରୁ ବଡ ଶ୍ରେଣୀରେ ପଢୁଥିବା ପିଲା । ସମସ୍ତେ ତାକୁ ଦିଦି ବୋଲି ମାନନ୍ତି ।

ସମସ୍ତଙ୍କୁ ବସି କହିଲା- ପିଲାମାନେ ଖରା ଛୁଟି ହୋଇ ଗଲା ମାନେ ବହୁତ ଖୁସି ଲାଗୁଛି ନା ! ହେଲେ ଖରାଛୁଟି ତମାମ ଆଗ ଭଳି ଖାଲି ବୁଲି ଖେଳି ସାରିବାନାହିଁ । ଏଥର ଭଲ କାମ କିଛି ବି କରିବା । ଖେଳ ବେଳେ ଖେଳ ହେବ । ବୁଲାବୁଲି ବି ହେବ । ତା ସହିତ କିଛି ସମୟ ଆମ ପାଇଁ ଦେବା ।

ସମସ୍ତେ ଆଗ୍ରହର ସହ ହଁ ଭରିଲେ ଓ ଆଗକୁ ଦିଦି କଣ କହିବ ଚାହିଁ ବସିଲେ ।

ଚାନ୍ଦିନୀ ପୁଣି କହିଲା- ଆମେ ଏଥର ସକାଳୁ ଉଠି ନିତ୍ୟକ୍ରମ ସାରି ଏଠି ଆସିବା । ସକାଳୁ ଆମେ ପଢିବା ।

ଗୋଟେ ପିଲା ପଚାରିଲା- ଦିଦି ! ଇଠି ସ୍କୁଲ ନାହିଁ କି ସାର କି ଦିଦି ନାହାଁନ୍ତି । ଆମେ କେମିତି ପଢିବୁ ।

ଚାନ୍ଦିନୀ ହସି ହସି କହିଲା- ଧୁମା ! ତୁ ଭଲ କଥା ପଚାରିଲୁ । ତୁମମାନଙ୍କର ମୁଁ ଦିଦି ନା ! ମୁଁ ପଢେଇବି ତୁମକୁ !

ଧୁମା ଖୁସି ହୋଇଗଲା । ସୀମା ଚାନ୍ଦିନୀ ଠାରୁ ତଳ ଶ୍ରେଣୀରେ ପଢେ । ସେ ବି କହିଲା- ମୁଁ ବି ପଢେଇବି ଦିଦି । ସମସ୍ତେ ଖୁସି ହୋଇଗଲେ ।

ତା ପରେ ଚାନ୍ଦିନୀ କହିଲା- ଖାଲି ସେତିକି ନାହିଁ । ସମସ୍ତେ ନିଜ ନିଜ ଘରେ ମାଆଙ୍କୁ ଟିକେ ସାହାଯ୍ୟ କରିବା । ଘର ସଫାସଫି ଓ ସଜାସଜିରେ ସହଯୋଗ କରିବା । ତା ସହିତ ଆମେ ଦିଦିନ ପରେ ଗାଁ ଚାରିପଟ ମିଳିମିଶି ସଫା କରିବା ।

ଚାନ୍ଦିନୀର କଥାରେ ସମସ୍ତେ ଖୁସି ହୋଇଗଲେ । ପିଲାମାନେ ନିଜ ନିଜ ଘରକୁ ଫେରିବା ପରେ ଘର ସଫାସଫି କଲେ । ଅସଜଡା ଜିନିଷପତ୍ର ସଜେଇ ରଖିଲେ । ମାଆମାନେ କାବା ହୋଇଗଲେ । ଗାଁ ବି ସଫାସୁତୁରା ହୋଇଗଲା । ନିତି ସକାଳୁ ଚାନ୍ଦିନୀ ଓ ସୀମା ପିଲାଙ୍କୁ ପଢାଇବା ଦେଖି ଗାଁର ମୁଖିଆ ସହ ସବୁ ଲୋକ ଖୁସି ହୋଇଗଲେ । ଆଦିବାସୀ ପିଲାଙ୍କ ଭିତରେ ଏ ପରିବର୍ତ୍ତନ ଦେଖି ଗାଁ ମୁଖିଆ ଆସି କହିଲେ- ଆରେ ପିଲାମାନେ ତୁମେ ଯେତିକି କାମ କଲ ଆମ ବଡମାନଙ୍କୁ ବି ବୁଦ୍ଧି ଦେଖେଇ ଦେଲ । ଆମ ଗାଁକୁ ଏଥର ଆମେ ସଫା ରଖିବା । ତୁମେ ଦିଟା ଝିଅ ପିଲାମାନଙ୍କୁ ପାଠ ପଢାଉଛ ବଢିଆ କଥା । ଏଇ ଖୁସିରେ କାଲି ତୁମ ସମସ୍ତଙ୍କୁ ମୁଁ ଭୋଜି ଦେବି ।

ପିଲାମାନେ ଖୁସିରେ ତାଳି ମାରିବା ସହ ହୋ ହୋ ହେଲେ । ପିଲାଙ୍କ ରଡି ଶୁଣି ଗାଁ ଲୋକ ଘରୁ ବାହାରି ସବୁ କଥା ମୁଖିଆ ଠାରୁ ଜାଣିବା ପରେ ଖୁସି ହୋଇଗଲେ ।

ସ୍କୁଲର ସାରଙ୍କ ସେବା ସଂକଳ୍ପ ଆଇଡିଆ ପାଇଁ ଗାଁରେ ତାର ସମ୍ମାନ ବଢିଗଲା ବୋଲି ଚାନ୍ଦିନୀ ବି ମନେ ମନେ ଖୁସିହେଲା ଓ ଗର୍ବ ଅନୁଭବ କଲା ।

*ଇନ୍ଦିରା ନଗର, ଚତୁର୍ଥ ଗଳିରାୟଗଡା*
*ମୋ- ୯୪୩୭୯୦୯୬୭୧*

# ବିପଦରେ କ୍ରିସ ଗେଲ୍‌ଙ୍କ ଛକା ରେକର୍ଡ




**ନୂଆଦିଲ୍ଲୀ**

ଆଇପିଏଲର ଗୋଟିଏ ସିଜନରେ ସର୍ବାଧିକ ଛକା ମାରିବାର ରେକର୍ଡ ତାଲିକାରେ ବୈଭବ ସୂର୍ଯ୍ୟବଂଶୀ ଭାରତୀୟଙ୍କ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ଅଭିଷେକ ଶର୍ମା ୨୦୨୪ରେ ସର୍ବାଧିକ ୪୨ଟି ଛକା ମାରିଥିଲେ। କିନ୍ତୁ ବୈଭବ ଏହାକୁ ଅତିକ୍ରମ କରିଛନ୍ତି। ସେ ଚଳିତ ସିଜନରେ ୫୩ଟି ଛକା ମାରି ସାରିଲେଣି। ଗୋଟିଏ ସିଜନରେ ସର୍ବାଧିକ ଛକା ମାରିବାର ତାଲିକାରେ କ୍ରିସ୍ ଗେଲ ଶୀର୍ଷ ସ୍ଥାନରେ ଅଛନ୍ତି। ସେ ୨୦୧୨ରେ ୫୯ଟି ଛକା ମାରିଥିଲେ। ବୈଭବ ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ସେ ଆଉ ୬ଟି ଛକା ମାରିଲେ ଗେଲଙ୍କ ରେକର୍ଡର ସମକକ୍ଷ ହେବେ। ବୈଭବଙ୍କ ପଛକୁ ତୃତୀୟ ସ୍ଥାନରେ ଆନ୍ଦ୍ରେ ରସେଲ (୫୨ଟି, ୨୦୧୯) ରହିଛନ୍ତି। ଗେଲ୍ ୨୦୧୩ରେ ୫୧ଟି ଓ ୨୦୧୧ରେ ୪୪ଟି ଛକା ମାରିଥିଲେ। ସେହିପରି ୨୦୨୨ରେ ଜୋସ ବଟଲର ୪୫ଟି ମାରିଥିଲେ।

# ଭାରତର ଘରୋଇ ଅଣ୍ଡର-୨୩ ୱାନଡେ ଟୁର୍ଣ୍ଣାମେଣ୍ଟ ଟି-୨୦ଫର୍ମାଟରେ ଖେଳାଯିବ : ବିସିସିଆଇ

**ମୁମ୍ବାଇ :**

ଭାରତର ଘରୋଇ ଅଣ୍ଡର-୨୩ ୱାନଡେ ଟୁର୍ଣ୍ଣାମେଣ୍ଟ ଏବେ ଟି-୨୦ଫର୍ମାଟରେ ଖେଳାଯିବ। ଆଗାମୀ ୨୦୨୬-୨୭ଘରୋଇ ସିଜନରେ ଅଣ୍ଡର-୨୩ ପୁରୁଷ ୱାନଡେ ଟୁର୍ଣ୍ଣାମେଣ୍ଟ ଏବେ ଟି-୨୦ଫର୍ମାଟରେ ଖେଳାଯିବ । ଏହାସହ କର୍ଣ୍ଣଲ ସିକେ ନାୟଡୁ ଟ୍ରଫି ବିଜେତା ବନାମ ଶେଷ ଭାରତର ମ୍ୟାଚ୍ ଘରୋଇ ସିଜନର କ୍ୟାଲେଣ୍ଡରରେ ଫେରି ଆସିବ । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ବୁଧବାର ଏହି ସୂଚନା ଦେଇଛି । ୨୦୨୬-୨୭ର ଘରୋଇ ସିଜନରେ ପୁରୁଷ ଏବଂ ମହିଳାଙ୍କ କ୍ରିକେଟରେ କେତେକ ଆୟୁ-ବର୍ଗ ଶ୍ରେଣୀରେ ପ୍ରାୟ ୧,୭୮୮ ମ୍ୟାଚ୍ ଖେଳାଯିବ । ଏହି ସିଜନର ଆରମ୍ଭ ପ୍ରତିଷ୍ଠିତ ଦିଲ୍ଲୀପ ଟ୍ରଫିରେ ହେବ । ଯାହା ୨୩ଅଗଷ୍ଟରୁ ୧୦ସେପ୍ଟମ୍ବର ପର୍ଯ୍ୟନ୍ତ ବେଙ୍ଗାଲୁରରେ ସେଣ୍ଟର ଅଫ ଏକ୍ସିଲେନ୍ସରେ ଖେଳାଯିବ । ଏହାପରେ ୧ଅକ୍ଟୋବରରୁ ଇରାନୀ କପର ଆରମ୍ଭ ହେବ । ଏହା ସମ୍ଭବତ ଜମ୍ମୁ କିମ୍ବା ଶ୍ରୀନଗରରେ ଖେଳାଯିବ। କାରଣ ଜମ୍ମୁ ଏବଂ କଶ୍ମୀର ଏବେ ରଣଜୀ ଟ୍ରଫିର ବିଜେତା, ଯାହାକୁ ସେ ଏହି ବର୍ଷ ଆରମ୍ଭରେ ହୁବଲିରେ ଜିତିଥିଲେ।



ରଣଜୀ ଟ୍ରଫି ଦୁଇ-ଚରଣ ଫର୍ମାଟରେ ଜାରି ରହିବ। ଏଲିଟ ଗ୍ରୁପରେ ୩୨ଟିମ୍ ୪ଗ୍ରୁପରେ ହେବ ଏବଂ ପ୍ଲେଟ୍ ଗ୍ରୁପରେ ୬ଟିମ୍ ସାମାନ୍ୟ 'ହୋମ୍-ଏଣ୍ଡ-ଅବେ' ଫର୍ମାଟରେ ଖେଳିବେ । କର୍ନଲ ସିକେ ନାୟଡୁ ଟ୍ରଫି ବିଜେତା ବନାମ ଶେଷ ଭାରତର ମ୍ୟାଚ୍ ୧-୪ଅକ୍ଟୋବରରୁ ପୁଣି ଥରେ ଖେଳାଯିବ । ମେସ ଅଣ୍ଡର-୨୩ ରାଜ୍ୟ 'ଏ'ଟ୍ରଫିର ଟି-୨୦ ଫର୍ମାଟରେ ପରିବର୍ତ୍ତନ ବ୍ୟତୀତ ବିଜି ଟ୍ରଫି ୱାନଡେ ଟୁର୍ଣ୍ଣାମେଣ୍ଟ ବ୍ୟତୀତ ଟି-୨୦ ଫର୍ମାଟରେ ଖେଳାଯିବ । କୁଚ ବିହାରୀ ଟ୍ରଫିର ନକଆଉଟ୍ ଚରଣ ବେଙ୍ଗାଲୁରୁ ଏବଂ ମୌସୁରରେ ଆୟୋଜିତ କରାଯିବ । ଫଳରେ ଜାନୁଆରୀ ସମୟରେ ମ୍ୟାଚରେ ପ୍ରତିସ୍ପର୍ଦ୍ଧା ସନ୍ତୁଳନ ରହିବ । ବିଜୟ ମର୍ଚ୍ଚାଣ୍ଟ ଟ୍ରଫି (୧୬ ବର୍ଷରୁ କମ୍)କୁ ଭଲ ସମୟ ଏବଂ ଖେଳାଳି ପ୍ରସ୍ତୁତି ପାଇଁ ନଭେମ୍ବର-ଜାନୁଆରୀକୁ ଘୁଞ୍ଚାଯାଇଛି । ସୟଦ ମୁସ୍ତାକ ଅଲି ଟ୍ରଫି ଏଲିଟ୍ ଗ୍ରୁପ୍ ଲିଗ୍ ମ୍ୟାଚ୍ ୨୭ସେପଟ୍ମ୍ବରରୁ ୧୦ ଅକ୍ଟୋବର ପର୍ଯ୍ୟନ୍ତ ବିଶାଖାପାଟନମ, ମୁମ୍ବାଇ, କୋଲକାତା ଏବଂ ମୋହାଲିରେ ଅନୁଷ୍ଠିତ ହେବ। ନକଆଉଟ୍ ମ୍ୟାଚ୍ ୧୪ରୁ ୨୫ଅକ୍ଟୋବର ପର୍ଯ୍ୟନ୍ତ ନାଗପୁରରେ ଖେଳାଯିବ । ପ୍ଲେଟ୍ ଗ୍ରୁପ୍ର ଲିଗ୍ ପର୍ଯ୍ୟାୟ ୨୭ସେପ୍ଟେମ୍ବରରୁ ୬ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ନକଆଉଟ୍ ମ୍ୟାଚ୍ ୮ରୁ ୧୦ଅକ୍ଟୋବର ପର୍ଯ୍ୟନ୍ତ ଦିମାପୁରରେ ଅନୁଷ୍ଠିତ ହେବ। ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ୍ ଲିଗ୍ ପର୍ଯ୍ୟାୟ ୧୨ନଭେମ୍ବରରୁ ୧ଡିସେମ୍ବର ପର୍ଯ୍ୟନ୍ତ ଅହମ୍ମଦାବାଦ, ବେଙ୍ଗାଲୁରୁ, ରାଞ୍ଚି ଏବଂ ରାଜକୋଟରେ ଅନୁଷ୍ଠିତ ହେବ। ନକଆଉଟ୍ ମ୍ୟାଚ୍ ୫ଡିସେମ୍ବରରୁ ୧୭ତାରିଖ ପର୍ଯ୍ୟନ୍ତ ବିଶାଖାପାଟନମରେ ଖେଳାଯିବ। ନକଆଉଟ୍ ମ୍ୟାଚ୍ ୨୩ନଭେମ୍ବରରୁ ୨୫ନଭେମ୍ବର ପର୍ଯ୍ୟନ୍ତ ଇନ୍ଦୋରରେ ଅନୁଷ୍ଠିତ ହେବ।

# ଫିଫା ବିଶ୍ୱକପ୍ ପାଇଁ ପର୍ତ୍ତୁଗାଲ ଦଳ ଘୋଷଣା

# କ୍ୟାରିୟରରେ ଷଷ୍ଠ ୱାର୍ଲ୍ଡକପ୍ ଖେଳିବେ କ୍ରିଷ୍ଟିଆନୋ ରୋନାଲ୍ଡୋ

**ଲିସବନ**



ଆଗାମୀ ଫିଫା ବିଶ୍ୱକପ୍‌କୁ ଆଉ ଅଳ୍ପଦିନ ବାକି ରହିଲା। ଇତିମଧ୍ୟରେ ସମସ୍ତ ଦଳ ଜୋରଦାର ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଫିଫା ବିଶ୍ୱକପ୍-୨୦୨୬ ପାଇଁ ପର୍ତ୍ତୁଗାଲ ଦଳ ଘୋଷଣା ହୋଇଛି। ବିଶ୍ୱ ପ୍ରସିଦ୍ଧ ଫୁଟବଲ୍‌ର କ୍ରିଷ୍ଟିଆନୋ ରୋନାଲ୍ଡୋ ଦଳରେ ସ୍ଥାନ ପାଇଛନ୍ତି। ସେ କ୍ୟାରିୟରରେ ଷଷ୍ଠ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋଙ୍କ ବ୍ୟତୀତ ବ୍ରୁନୋ ଫର୍ଣ୍ଣାଣ୍ଡେଜ୍, ବର୍ଣ୍ଣାଡୋ ସିଲ୍ଭା, ଭିଟିହ୍ନାଙ୍କ ଭଳି ଷ୍ଟାର୍ ଖେଳାଳି ଦଳରେ ସାମିଲ ରହିଛନ୍ତି। ପର୍ତ୍ତୁଗାଲ ଦଳ ବିଶ୍ୱକପ୍ ପୂର୍ବରୁ ଚିଲି ଓ ନାଇଜେରିଆ ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳି ପ୍ରସ୍ତୁତି କରିବ। ବିଶ୍ୱକପରେ ଦଳ ଗ୍ରୁପ୍-କେ'ରେ ଡିଆର୍ କଙ୍ଗୋ, କଲମ୍ବିଆ, ଉଜବେକିସ୍ତାନ ସହ ସ୍ଥାନ ପାଇଛି। ପର୍ତ୍ତୁଗାଲ ଆଗାମୀ ଜୁନ୍ ୧୭ ତାରିଖରେ ଡିଆର୍ କଙ୍ଗୋ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହାପରେ ଦଳ ୨୩ ତାରିଖରେ ଉଜ୍‌ବେକିସ୍ତାନକୁ ଏବଂ ୨୭ ତାରିଖରେ କଲମ୍ବିଆକୁ ଭେଟିବ।

ପର୍ତ୍ତୁଗାଲ ଦଳ : ଗୋଲ୍‌କିପର: ଡିଓଗୋ କୋଷ୍ଟା, ଜୋସ ସା, ରୁଇ ସିଲ୍ଭା, ରିକାର୍ଡୋ ଭେଲହୋ। ଡିଫେଣ୍ଡର : ଡିଓଗୋ ଡାଲୋଟ, ମାଥ୍ୟୁସ ନୁନେସ୍, ନେଲସନ ସେମେଡୋ, ଜୋଆଓ କାନସେଲୋ, ନୁନୋ ମେଣ୍ଡେସ୍, ଗୋନକାଲୋ ଇନାସିଓ, ରିନାଟୋ ଭିଗା, ରୁବେନ ଡାୟସ, ଟୋମାସ ଆରାଜୋ। ମିଡ୍‌ଫିଲ୍ଡର- ରୁବେନ ନେଭେସ, ଜୋଆଓ ନେଭେସ, ଭିଟିହ୍ନା, ବ୍ରୁନୋ ଫର୍ଣ୍ଣାଣ୍ଡେଜ, ବର୍ଣ୍ଣାଡୋ ସିଲ୍ଭା, ଜୋଆଓ ଫେଲିକ୍ସ, ଫ୍ରାନ୍ସିସ୍କୋ ଟ୍ରିନକାଓ, ଫ୍ରାନ୍ସିସ୍କୋ କନସିକାଓ, ସାମୁ କୋଷ୍ଟା। ଫରୱାର୍ଡ : ପେଡ୍ରୋ ନେଟୋ, ରାଫେଲ ଲିଆଓ, ଗୋନକାଲୋ ଗୁଏଡେସ୍, ଗୋନ୍ସାଲୋ ରାମୋସ, କ୍ରିଷ୍ଟିଆନୋ ରୋନାଲ୍ଡୋ।

# ବୈଭବ ସୂର୍ଯ୍ୟବଂଶୀଙ୍କ ଫ୍ୟାନ୍ ପାଲଟିଲେ ସଞ୍ଜୀବ ଗୋଏଙ୍କା

**ନୂଆଦିଲ୍ଲୀ**

ମାତ୍ର ୧୫ ବର୍ଷ ବୟସରେ ବୋଲରଙ୍କ ହୋସ୍ ଉଡ଼ାଇ ଦେଉଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ଡିମାଣ୍ଡ ଜୋରଦାର। ମଙ୍ଗଳବାର ରାତିରେ ବୈଭବ ଏଭଳି କିଛି ଖେଳିଥିଲେ ଯେ, ବିରୋଧୀ ଟିମ୍‌ର ମାଲିକ ସଞ୍ଜୀବ ଗୋଏଙ୍କାବି ତାଙ୍କର ଫ୍ୟାନ୍ ହୋଇଗଲେ। ଲକ୍ଷ୍ନୌ ସୁପରଜିଆଣ୍ଟସ୍ ବିରୋଧରେ ରାଜସ୍ଥାନ ରୟାଲ୍ସର ବଡ଼ ଧରଣର ବିଜୟ ପରେ ବୈଭବଙ୍କୁ ସଞ୍ଜୀବ ଗୋଏଙ୍କା ଜୋରଦାର ପ୍ରଶଂସା କରିଛନ୍ତି। କେବଳ ସେତିକି ନୁହେଁ ଫିଲ୍ଡରେ ସଞ୍ଜୀବ ଗୋଏଙ୍କା ଏବଂ ତାଙ୍କ ପତ୍ନୀ ବୈଭବ ସୂର୍ଯ୍ୟବଂଶୀଙ୍କୁ ଭେଟିଥିଲେ। ଏହି ସମୟର ଦୁଇଟି ଫଟୋ ଗୋଏଙ୍କା ନିଜର ସୋସିଆଲ ମିଡିଆରେ ଆକାଉଣ୍ଟରେ ସେୟାର କରିଛନ୍ତି। ଫଟୋରେ ସଞ୍ଜୀବଙ୍କ ପାଦ ଛୁଇଁ ବୈଭବ ଆର୍ଶୀବାଦ ନେଉଛନ୍ତି। ଫଟୋର କ୍ୟାପ୍ସନ ସହ ସଞ୍ଜୀବ ଲେଖିଛନ୍ତି, ସାରା ବିଶ୍ୱ ତୁମର ପ୍ରତିଭା ଦେଖୁଛି। ଦେଶ ତୁମ ଭିତରେ ଏକ ଭବିଷ୍ୟତ ଦେଖୁଛି। ଏତେ କମ୍ ବୟସରେ, ତୁମେ ଏତେ ବଡ଼ ଦାୟିତ୍ୱ




ଅତ୍ୟନ୍ତ ସକ୍ଷମ କାନ୍ଧରେ। ତୁମର ନିରିହପଣ ବଜାୟ ରଖ, ତୁମର ପ୍ରତିଭାକୁ ଆହୁରି ଉନ୍ନତ କରିଚାଲ ଏବଂ ସାରା ବିଶ୍ୱ ତୁମର ପାଦ ତଳେ ରହିବ।'

ମ୍ୟାଚ୍ ପରେ ବୈଭବ ଏବଂ ଗୋଏଙ୍କାକୁ ଏକାଠି କଥା ହେବାର ଯେତେବେଳେ ଦେଖିବାକୁ ମିଳି ଥିଲା। ଲକ୍ଷ୍ନୌ ଟିମ୍ ହାରିବା ପରେ ବି ଗୋଏଙ୍କା ଏବଂ ତାଙ୍କ ପତ୍ନୀ ଫିଲ୍ଡକୁ ଯାଇ ଆଗ ବୈଭବଙ୍କୁ ଭେଟିଥିଲେ ଏବଂ ତାଙ୍କ ସହ କଥା ହୋଇଥିଲେ। ଏହି ଦୃଶ୍ୟ ଦେଖି ମହାନ କ୍ରିକେଟର ସୁନିଲ ଗାଭାସ୍କର ମଜାଳିଆ ଅନ୍ଦାଜରେ ଏକ ରିଆକ୍ସନ

ନିଲାମୀରେ ଲକ୍ଷ୍ନୌ ଟିମ୍ ବୈଭବଙ୍କୁ କିଣିବାର ସମ୍ଭାବନା ପ୍ରକାଶ କରିଛନ୍ତି। ସେ କହିଛନ୍ତି ବୈଭବଙ୍କୁ ଭେଟି ଗୋଏଙ୍କା କହିଥିବେ, 'ମୁଁ ଖୁବ୍ ଶୀଘ୍ର ତୁମ ପାଇଁ ନିଲାମୀ ଡାକିବି ଏବଂ କିଣିବି। ବୈଭବ ସୂର୍ଯ୍ୟବଂଶୀ କେବଳ ସଞ୍ଜୀବ ଗୋଏଙ୍କା ଏବଂ ତାଙ୍କ ପତ୍ନୀଙ୍କୁ ଭେଟି କଥା ହୋଇନଥିଲେ ତାହା ନୁହେଁ, ବରଂ ତାଙ୍କ ପରିବାରର ପିଲାମାନଙ୍କ ପାଇଁ ଅଟୋଗ୍ରାଫ୍ ମଧ୍ୟ ଦେଇଥିଲେ। ଗୋଏଙ୍କା ପରିବାରର ପିଲାଙ୍କ ପାଇଁ ବୈଭବ ଅଟୋଗ୍ରାଫ୍ ଦେବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେପଟେ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ଯୋଗୁଁ ରାଜସ୍ଥାନ ରୟାଲ୍ସ ପ୍ଲେଅଫ୍ ରେସ୍‌ରେ ରହିଛି। ଲକ୍ଷ୍ନୌ ଟିମ୍‌କୁ ହରାଇବା ପରେ, ରାଜସ୍ଥାନ ଟିମ୍ ବର୍ତ୍ତମାନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଶେଷ ମ୍ୟାଚ୍ ଖେଳିବ, ଏହାକୁ ଜିତିବା ମାତ୍ରେ ଟିମ୍ ପ୍ଲେଅଫ୍‌ରେ ସ୍ଥାନ ସୁନିଶ୍ଚିତ କରିବ।

ଉଲ୍ଲେଖନୀୟ ଯେ, ମଙ୍ଗଳବାର ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜାଏଣ୍ଟସକୁ ୭ ୱିକେଟ୍‌ରେ ପରାସ୍ତ କରିଥିଲା ରାଜସ୍ଥାନ ରୟାଲ୍ସ। ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ପରାଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ମାତ୍ର ୩୮ ବଲ୍‌ରେ ୯୩ ରନ୍‌ର ଇନିଂସ ଖେଳି ମ୍ୟାଚ୍‌କୁ ଏକପାଖିଆ କରିଦେଇ ଥିଲେ। ମ୍ୟାଚ୍ ପରେ, ସଞ୍ଜିବ ଗୋଏଙ୍କା ତାଙ୍କ ଦଳ ପାଖକୁ ନଯାଇ ସିଧାସଳଖ ବୈଭବ ସୂର୍ଯ୍ୟବଂଶୀଙ୍କ ପାଖକୁ ଯାଇଥିଲେ। ମ୍ୟାଚ୍ ସମୟରେ ଗୋଏଙ୍କାଙ୍କ ପତ୍ନୀ ମଧ୍ୟ ତାଙ୍କ ସହିତ ଥିଲେ। ଉଭୟ ବୈଭବଙ୍କ ସହିତ କଥା ହୋଇଥିଲେ, ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

# ଗମ୍ଭୀର ଆସିବା ପରେ ବିରାଟଙ୍କ ସ୍ଥିତି ବଦଳିଗଲା : ମଞ୍ଜରେକର

**ନୂଆଦିଲ୍ଲୀ**




ଟେଷ୍ଟରୁ ଅବସର ଓ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ନେଇ ବିରାଟ କୋହଲି ରଖିଥିବା ସର୍ତ୍ତକୁ ନେଇ ଚର୍ଚ୍ଚା ଜାରି ରହିଛି। ଏବେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ କ୍ରିକେଟର୍ ସଂଜୟ ମଞ୍ଜରେକର। ସେ କହିଛନ୍ତି ଯେ ବିରାଟ ଯେଉଁ 'ପରିବେଶ' କଥା କହୁଛନ୍ତି, ତାହା ହେଉଛି 'ଅଜିତ ଅଗରକର ଓ ଗୌତମ ଗମ୍ଭୀର'।

ଗମ୍ଭୀରଙ୍କ ସହ ବିରାଟଙ୍କ ମତଭେଦକୁ ସ୍ୱୀକାର କରିବା ସହ ସେ କହିଛନ୍ତି ଯେ ବିରାଟ ଟେଷ୍ଟରୁ ଅବସର ଲାଗି ଏହି ପରିବର୍ତ୍ତିତ ପରିବେଶକୁ ଦାୟୀ କରୁଛନ୍ତି। କିନ୍ତୁ ସେ ନିଜେ ନିଜର ବିଗତ ପାଞ୍ଚ ବର୍ଷର ଟେଷ୍ଟ ପ୍ରଦର୍ଶନକୁ ବିଚାରକୁ ନେବା ଆବଶ୍ୟକ। ୨୦୦୦ରୁ ୨୦୨୫ ମଧ୍ୟରେ ବିରାଟଙ୍କ ଟେଷ୍ଟ ହାରାହାରି ୬୦ ପ୍ରତିଶତରୁ ୪୬.୮୫ ପ୍ରତିଶତକୁ ଖସିଆସିଥିଲା। ଅଫ୍‌ଷ୍ଟମ୍ପ ବାହାର ବଲ୍‌କୁ ଖେଳିବାରେ ତାଙ୍କ ଦୁର୍ବଳତା ଜାରି ରହିଥିଲା। ସେ ଶତକ ମାରିପାରୁନଥିଲେ। ଯେତେବେଳେ ସେ ରବି ଶାସ୍ତ୍ରୀଙ୍କ ପ୍ରଶିକ୍ଷଣରେ ଖେଳୁଥିଲେ ସ୍ଥିତି ଅଲଗା ଥିଲା। ସବୁ କ୍ଷେତ୍ରରେ ଶାସ୍ତ୍ରୀ ତାଙ୍କୁ ସମର୍ଥନ କରୁଥିଲେ। ଶାସ୍ତ୍ରୀଙ୍କ ପରେ ରାହୁଲ ଦ୍ରାବିଡ଼ ଆସିଲେ ଓ ବିଦାୟ ନେଲେ। କିନ୍ତୁ ଗୌତମ ଆସିବା ପରେ ସ୍ଥିତି ବଦଳିଗଲା। ତାଙ୍କ ଅଧିନରେ ବିରାଟ ପୂର୍ବପରି ସହଜ ଅନୁଭବ କରିପାରିନଥିଲେ। ପୁଣି ଜଣେ ନୂଆ ମୁଖ୍ୟ ଚୟନକର୍ତ୍ତା ଆସିଲେ। ଦଳ ପାଇଁ ତାଙ୍କର ଯୋଜନା ବି ଅଲଗା ଥିଲା। ଏଣୁ ଏହି 'ପରିବେଶ' ସଂପର୍କରେ ହିଁ ବିରାଟ କହୁଛନ୍ତି।

# ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସାରସ୍ୱତ କୃତି ଶୀର୍ଷକ ଆଲୋଚନାଚକ୍ର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଶ୍ୱକବି 'ରବୀନ୍ଦ୍ରନାଥଙ୍କ ସାରସ୍ୱତ କୃତି' ଶୀର୍ଷକ ଆଲୋଚନାଚକ୍ର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଜାରକା ଠାରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ତୁହିନାଂଶୁ ରଥ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ବେଣୁଧର ନାୟକ, ସାହିତ୍ୟିକ ଅର୍ଜୁନ ଚରଣ ପୃଷ୍ଟି ଯୋଗଦେଇ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ବହୁରୂପୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବାସହ ଲେଖକଟିଏ ସଂକୀର୍ଣ୍ଣତାରୁ ଦୂରେଇ ରହିବା ସମାଜ କଲ୍ୟାଣ ନିମନ୍ତେ ଉପଯୋଗୀ ଓ ସଂସ୍କାର ଉପରେ ଲେଖନୀ ଚାଳନା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନା ଚକ୍ର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ସାଂସଦଙ୍କ ପ୍ରତିନିଧି  କାହ୍ନୁଚରଣ ଦାଶ ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରିଥିବାବେଳେ  ପ୍ରଫୁଲ୍ଲ କୁମାର ସ୍ୱାଇଁ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କବି ଡ଼.ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ପାଠ କରିଥିଲେ। ଆଲୋଚନା ଚକ୍ରରେ ଶିକ୍ଷାବିତ୍ ବୈକୁଣ୍ଠ ନାଥ ପାଣି, ବିଜୟ କୁମାର ଦେବତା, ଚିତ୍ତ ରଞ୍ଜନ ମହାନ୍ତି, ଈଶ୍ୱର ଚନ୍ଦ୍ର ପ୍ରଧାନ, ସୁବାଷ ବେହେରା, ସୁନାକର ସାହୁ, ଭିକାରୀ ଚରଣ ମଲ୍ଲିକ, ଆଦିକନ୍ଦ ସ୍ୱାଇଁ, ସତ୍ୟାନନ୍ଦ ପ୍ରଧାନ, ସରୋଜିନୀ ପଣ୍ଡା, ନୀଳିମା ସାହୁ ସମେତ ବହୁ ବୁଦ୍ଧିଜୀବୀ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଶେଷରେ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




# ଢୋଲପାସ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଏମ୍ ଇଲେଭେନ୍‌କୁ ହରାଇ ଗୁମାବାହାଲ ଚାମ୍ପିଅନ

**ଥୁଆମୂଳ ରାମପୁର, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଡ୍ରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଢୋଲପାସ୍ ପଡ଼ିଆଠାରେ ଚାଲିଥିବା ପ୍ରତିଷ୍ଠିତ ଜିଲାସ୍ତରୀୟ 'ରାଧାଗୋବିନ୍ଦ ନକ୍‌ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ' (ସିଜନ-୧) ଭବ୍ୟ ସମାରୋହ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ କଲମପୁର ବ୍ଲକର ଗୁମାବାହାଲ ଟିମ୍ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଅଞ୍ଚଳର ଏମ୍ ଇଲେଭେନ୍ ଦଳକୁ ୩୧ ରନ୍‌ରେ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି।



ମେଗା ଫାଇନାଲରେ ଗୁମାବାହାଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ୍ ହରାଇ ୧୨୬ ରନ୍‌ର ଏକ ସମ୍ମାନଜନକ ସ୍କୋର ଛିଡ଼ା କରିଥିଲା। ଜବାବରେ ୧୨୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିବା ଏମ୍ ଇଲେଭେନ୍ ଟିମ୍ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୯୫ ରନରେ ସୀମିତ ରହିଥିଲା। ଫଳରେ ଗୁମାବାହାଲ ଦଳ ୩୧ ରନ୍‌ରେ ଚିତ୍ତାକର୍ଷକ ବିଜୟ ହାସଲ କରି ଟ୍ରଫି ଆପଣେଇ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଗୁମାବାହାଲ ଦଳର ରମେଶଙ୍କୁ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଏବଂ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଏମ୍ ଇଲେଭେନ୍ ଦଳର ରାଜୁଙ୍କୁ 'ମ୍ୟାନ୍ ଅଫ୍ ଦ ସିରିଜ୍' ପୁରସ୍କାର ପ୍ରଦାନ କରାଯାଇଥିଲା।

ଗତ ମେ' ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ବୃହତ କ୍ରିକେଟ ମହାକୁମ୍ଭରେ ମୋଟ ୧୬ଟି ପ୍ରତିଷ୍ଠିତ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲରେ ମଣ୍ଟୁ ଇଲେଭେନ୍‌କୁ ପରାସ୍ତ କରି ଏମ୍ ଇଲେଭେନ୍ ଫାଇନାଲ ଟିକେଟ ହାସଲ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ପ୍ରବଳ ପ୍ରତାପୀ ବେନ୍ଦାଝୋଲା ଦଳକୁ ଧୂଳି ଚଟାଇ ଗୁମାବାହାଲ ଫାଇନାଲରେ ନିଜ ସ୍ଥାନ ସୁରକ୍ଷିତ କରିଥିଲା।

ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ପକ୍ଷରୁ ଏକ ବିଶେଷ ପୁରସ୍କାର ବିତରଣୀ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ଏସ୍‌ସି ସେଲ୍ ସଭାପତି ବିଷ୍ଣୁ ନାଏକ, ବିଶିଷ୍ଟ ଯୁବ ନେତା ସୁଜାନ ନାଏକ, ଆଲୋକ ନାଏକ, ଅଡ୍ରି ପଞ୍ଚାୟତର ସରପଞ୍ଚ ନନ୍ଦାଇ ମାଝୀ ଓ ସମିତି ସଭ୍ୟ ରାମ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

ଅତିଥିମାନଙ୍କ ଦ୍ୱାରା ବିଜେତା ଗୁମାବାହାଲ ଦଳକୁ ଆକର୍ଷଣୀୟ ଚାମ୍ପିଅନ ଟ୍ରଫି ସହ ନଗଦ ୫୦,୦୦୦/- ଟଙ୍କାର ଡେମୋ ଚେକ୍ ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଏମ୍ ଇଲେଭେନ୍ ଦଳକୁ ରନର୍ସଅପ୍ ଟ୍ରଫି ସହ ନଗଦ ୩୦,୦୦୦/- ଟଙ୍କାର ଡେମୋ ଚେକ୍ ପ୍ରଦାନ କରାଯାଇଥିଲା।

ସମଗ୍ର ଟୁର୍ଣ୍ଣାମେଣ୍ଟରେ ଆଙ୍କର ବା ଉଦ୍‌ଘୋଷକ ଭାବେ କେଶବ କୁମାର ନାଏକ ଅତି ଚମତ୍କାର ଶୈଳୀରେ ମଞ୍ଚ ଓ ଖେଳ ପରିଚାଳନା କରି ସମସ୍ତଙ୍କ ମନ ଜିଣିଥିଲେ। ଖେଳକୁ ଅମ୍ପାୟାର ବିଜୟ ମାଝୀ ଓ ଗଣେଶ ନାଏକ ଅତି ନିରପେକ୍ଷ ଭାବେ ପରିଚାଳନା କରିଥିବା ବେଳେ ସ୍କୋରବୋର୍ଡ ଦାୟିତ୍ୱରେ ନରେନ୍ଦ୍ର ମାଝୀ ସହଯୋଗ କରିଥିଲେ। ଆୟୋଜକ କମିଟିର ସଭାପତି ଉପେନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ କମିଟିର ସଦସ୍ୟ ଉଗ୍ରେସର ନାଏକ, କୃଷ୍ଣଚନ୍ଦ୍ର ସାହୁ, ସାଗୁରାମ ନାଏକ, ଅଭିରାମ ଠାକୁର, ସାନ ନାଗ, ମଦନ ସାହୁ, ମଦନ ମୁଦୁଲି, ଅମୃତ ନାଏକ, ବଂଶଧର ନାୟକଙ୍କ ସମେତ ସମସ୍ତ ଢୋଲପାସ ଗ୍ରାମବାସୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ପଡ଼ିଆରେ ଉପସ୍ଥିତ ହଜାର ହଜାର କ୍ରୀଡ଼ାପ୍ରେମୀଙ୍କ ଶୃଙ୍ଖଳିତ ସହଯୋଗ ଯୋଗୁଁ ଏହି ଭବ୍ୟ କ୍ରିକେଟ ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ ହୋଇଛି।

# ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ବିଚାର ବିଭାଗୀୟ ଅଦାଲତ ଉଦ୍‌ଘାଟିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ପ୍ରତିଷ୍ଠା କରାଯାଇଛି। ସରକାରଙ୍କ ବିଧି ବ୍ୟବସ୍ଥା ଭିତରେ ତୃଣମୂଳ ସ୍ତରରେ ଜନସାଧାରଣଙ୍କୁ ନ୍ୟାୟିକ ସେବା ସୁବିଧା ଯୋଗାଇଦେବା ଲକ୍ଷରେ ବ୍ଲକ୍ ପରିସରରେ ପ୍ରତିଷ୍ଠିତ ଏହି ଅଦାଲତ କାର୍ଯ୍ୟାଳୟକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ମାନସ ରଞ୍ଜନ ପାଠକ ଓ ଜିଲ୍ଲା ଜଜ୍ ମାନସ ବାରିକ୍ ଆଭାଷି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ନୂତନ ଅଦାଲତର ନବ ନିଯୁକ୍ତ ବିଚାରପାତି ପ୍ରଜ୍ଞାସୁମନ ମହାପାତ୍ର, କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ୍ ସଭାପତି ବାଦଲ ରାୟ,



ଉପ ସଭାପତି ତାପସ କୁମାର ନାୟକ, ସମ୍ପାଦକ ଗଦାଧର ସାହୁ, କଟକ ସଭିଲ କୋର୍ଟ ରେଜିଷ୍ଟ୍ରାର ଓ ମ୍ୟାନେଜରଙ୍କ ସମେତ ବରିଷ୍ଠ ଆଇନ୍‌ଜୀବୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅଦାଲତ ମାଧ୍ୟମରେ ବ୍ଲକ୍‌ର ୨୪ଟି ପଞ୍ଚାୟତ ସହିତ ଚୌଦ୍ୱାର ପୌର ପାଳିକାର ୧୯ଟି ୱାର୍ଡ଼ର ଜନସାଧାରଣ ନ୍ୟାୟିକ ସେବା ପାଇପାରିବେ ବୋଲି ସୂଚନା ମିଳିଛି। ଅଦାଲତର ପ୍ରଥମ ଦିବସରେ ମୋଟ ୫ଟି ମାମଲାର ବିଚାର କରାଯାଇ ଥିଲା। ଏଥିରେ ଗିରଫ ହୋଇଥିବା ୨ଜଣ ୱାରେଣ୍ଟିଙ୍କ ଜାମିନ୍ ଖାରଜ କରାଯାଇଥିଲା ଏବଂ ଅନ୍ୟ ୩ଟି ମାମଲାର ଶୁଣାଣି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

**MUNICIPAL COUNCIL : RAIRANGPUR** 13001/557/2627

Phone No:-06794-222054, E-Mail ID:-rairangpurn.hud@ori.nic.in/rrpurnac@gmail.com

**TENDER CALL NOTICE NO:- 1279 /dt.18.05.2026.**

1. Name of the Work : SANITATION Works
2. Total No works : 1No
3. Estimated Cost : 2.95 Corer
4. Class of Contractors : As per DTCN
5. Period of Completion : As per DTCN
6. Availability of Tender Documents at-Office : 19.05.2026 at 11:AM to 28.05.2026 up to 1:00PM
7. Tender Box Offline documents Dropping : 29.05.2026 up to 5:00PM
8. Date & Time of opening of Tender : 30.05.2026 at 8:00AM

Authority reserves the right to reject any of all the tenders without assigning any reasons thereof.

Tender Call notice can be downloaded in www.tendersorissa.gov.in and seen at notice board at Executive officer Rairangpur Municipality

Sd/- Executive Officer

OIPR-13001/13106/1/26-27/0003 Rairangpur Municipality

# ସଠିକ୍ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ ଉପରେ ସମୀକ୍ଷା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଲାଗୁ କରାଯାଇଥିବା ପରିପେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର୍‌ଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍.ଆଇ.ଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର୍ ତାଲିକାରେ ସାମିଲ୍ କରିବା ସହ ଅଯୋଗ୍ୟ, ମୃତ ଓ ନକଲ ନାମ ଗୁଡିକୁ ଚିହ୍ନଟ କରି ବାଦ୍ ଦେବା, ସ୍ଥାନାନ୍ତରିତ ମତଦାତାଙ୍କ ତଥ୍ୟ ସଂଶୋଧନ କରାଯିବା ସହ ଭୋଟର ତାଲିକାରେ ସଠିକତା, ସ୍ୱଚ୍ଛତା ଓ ବିଶ୍ୱାସନୀୟତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବୈଠକରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶିବ ପ୍ରସାଦ ଭୋଳ, ବିଜେପିର ଉପିନ କୁମାର ରାଉତ, ଜାତୀୟ କଂଗ୍ରେସର ପ୍ରଫୁଲ୍ଲ କୁମାର ଦାସ, ବିଏସ୍‌ପିର ସୁଧାକର ମଲ୍ଲିକ, ସିପିଆଇଏମ୍‌ର ଜଗତଜୀବନ ଦାଶ ଏବଂ ଆମ୍ ଆଦ୍‌ମି ପାର୍ଟିର ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ବୁଥ ସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ସହ ଏସ୍‌ଆଇଆର୍ ସମ୍ପର୍କିତ ମତାମତ ଓ ପରାମର୍ଶ ଲିଖିତ ଆକାରରେ ଜିଲ୍ଲାପାଳ କିମ୍ବା ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କୁ ଜଣେଇବାକୁ ଅନୁରୋଧ କରିଥିଲେ। ଜୁଲାଇ ୧ରୁ କ୍ୱାଲିଫାଇଂ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବା ବେଳେ ଜୁନ୍ ୨୮ ସୁଦ୍ଧା ପୋଲିସ୍ ଷ୍ଟେସନ୍ ଗୁଡିକର ରାସନ୍ ଲାଇଜେସନ୍ କାର୍ଯ୍ୟ ସମ୍ପୃକ୍ତ ହେବା କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା ଆସନରେ ମୋଟ୍ ୧୪୪୯ଟି ପୋଲିଂ ଷ୍ଟେସନ୍ ରହିଥିବାବେଳେ ୧୪୫ ଜଣ ବିଏଲ୍‌ଓ ସୁପର ଭାଇଜର ଓ ୧୪୪୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ନିୟୋଜିତ ଅଛନ୍ତି। ମାପିଂ ଏସ୍‌ଆଇ ପ୍ରକ୍ରିୟାରେ ମତଦାତା ତାଲିକା ସଂଶୋଧନ କାର୍ଯ୍ୟକୁ ଦାୟିତ୍ୱର ସହ ସମ୍ପାଦାନ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା ଓ ରବିନ୍ଦ୍ର କୁମାର ମଲ୍ଲିକ ନିର୍ବାଚନ ବିଭାଗର ଡେପୁଟି କଲେକ୍ଟର ଅମୀୟ କେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧୀୟ ସର୍ବଦଳୀୟ ବୈଠକ

# ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ମିନି କନ୍‌ଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଜିଲ୍ଲାରେ ଏସ.ଆଇ.ଆର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ କରିବା ନେଇ ଆଲୋଚନା କରାଯାଇ ଥିଲା। ବୈଠକରେ ଜିଲ୍ଲାପାଳ ଏସ.ଆଇ.ଆର. ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ



ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ରଗୁଡ଼ିକରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନିବେଦନ କରିଥିଲେ। ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସ.ଆଇ.ଆର. କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପ ଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି ଜଲେକ୍ଟର ( ନିର୍ବାଚନ) ଅରୁଣିମା ସାହୁ, ଦୀନେଶ ପୂର୍ତ୍ତି, ମିତାଲି ମଧୁସ୍ମିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ପରିଡ଼ା, ଭାରତୀୟ ଜନତା ପାର୍ଟିର ପ୍ରକାଶ ସୂତ୍ରଧର, ବିଜୁ ଜନତା ଦଳର ପ୍ରମୋଦ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସର ସୁଢଳ କୁମାର ସେଠୀ, ଆମ ଆଦମୀ ପାର୍ଟିର ଭବାନୀଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



# ଏସଆଇଆର ପାଇଁ ୬ ଜଣିଆ କମିଟି ଗଠନ କଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସଆଇଆର ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଜୁଲାଇ ୧ରୁ ଏହା ଆରମ୍ଭ ହେବାକୁ ତାରିଖ ଧାର୍ଯ୍ୟ କରାଯାଇଛି। ଏସଆଇଆର ପାଇଁ କମିଟି ଗଠନ କଲା ବିଜେଡି। ୬ ଜଣ ବରିଷ୍ଠ ସଦସ୍ୟଙ୍କୁ ନେଇ କମିଟି ଗଠନ କରିଛି ବିଜୁ ଜନତା ଦଳ। ବରିଷ୍ଠ ସଦସ୍ୟ ତାଲିକାରେ ରହିଛନ୍ତି ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ସସ୍ମିତ ପାତ୍ର, ଭୃଗୁ ବକ୍ସିପାତ୍ର ଓ ବିଜୟ ନାୟକ ସାମିଲ କରାଯାଇଛି। ଏହି ବରିଷ୍ଠ ସଦସ୍ୟ ମାନେ ବିଏଲଏ ନିଯୁକ୍ତି ଓ ସେମାନଙ୍କୁ ପ୍ରଶିକ୍ଷଣ ତଦାରଖ କରିବେ।

ରାଜ୍ୟରେ ଆଗାମୀ ଜୁଲାଇ ୧ରୁ ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଳନ ପୂର୍ବରୁ ସୂଚନା ଦେଇଛନ୍ତି।ମୁଖ୍ୟ ନିର୍ବାଚନ ଅଧିକାରୀ କହିଥିଲେ ଯେ, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସଆଇଆର ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଜୁଲାଇ ୦୧ରୁ ଏହା ଆରମ୍ଭ ହେବାକୁ ତାରିଖ ଧାର୍ଯ୍ୟ କରାଯାଇଛି। ମେ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରିଣ୍ଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବ। ପରେ ୩୦ ତାରିଖରୁ ରୁ ଜୁନ ଶେଷ ଅର୍ଥାତ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ ହେବ। ପରେ ଜୁଲାଇ ୦୫ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ ଜୁଲାଇ ୫ରୁ ସେପ୍ଟେମ୍ବର ୨ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ସମାଧାନ ହେବ।ସେପ୍ଟେମ୍ବର ୬ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏସଆଇଆରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରାଯିବ। ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି।

ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୨୭ହଜାର ୭୨୩ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯିବ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ। ଭୋଟରମାନେ ଚାହିଁଲେ ନିର୍ବାଚନ ଆୟୋଗଙ୍କ ସରକାରୀ ୱେବସାଇଟ୍ (voters.eci.gov.in)ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର (ସଂଲଗ୍ନ-୪) ପ୍ରଦାନ କରିବେ। ଏହି ପରିଗଣନା ସମୟରେ ଭୋଟରଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଦଲିଲପତ୍ର (ଡକ୍ୟୁମେଣ୍ଟ) ସଂଗ୍ରହ କରିବାର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ନିର୍ବାଚକଙ୍କଠାରୁ ମିଳିଥିବା ସଠିକ୍ ଫର୍ମ ଆଧାରରେ ହିଁ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଚିଠା ଭୋଟର ତାଲିକା ପ୍ରସ୍ତୁତ କରିବେ ବୋଲି ସୂଚନା ଦିଆଯାଇଛି।

# ଏନଏଲସି ଇଣ୍ଡିଆ ତାଲାବିରା ଦ୍ୱିତୀୟ ଏବଂ ତୃତୀୟ ଓସିପିର 'କୃତଜ୍ଞତା ଦିବସ' ଦିବସ ପାଳନ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରାଷ୍ଟ୍ର ନିର୍ମାଣର ସାତ ଦଶନ୍ଧିକୁ ଚିହ୍ନିତ କରି ଏକ ପବିତ୍ର ଏବଂ ପ୍ରେରଣାଦାୟୀ ପତାକା ଉତ୍ତୋଳନ ସମାରୋହର ଆୟୋଜନ କରିଛି । ଟାଲବିରା ଦ୍ୱିତୀୟ ଏବଂ ତୃତୀୟ ଓପେନ କାଷ୍ଟ ପ୍ରୋଜେକ୍ଟ (ଓସିପି) ଭାରତ ମନ୍ତ୍ରଣାଳୟ କମ୍ପାନୀ ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍‌ର, କମ୍ପାନୀର ୭୦ତମ ଉଦ୍‌ଯାପନ ଦିନ (ଇତିହାସିକ ଘଟଣାକୁ ସ୍ମରଣ କରି, ୨୦ ମଇ ୧୯୫୭ ତାରିଖ, ଯେତେବେଳେ ଏନ୍.ଏଲ୍.ସିର ଖଣିଜ କାର୍ଯ୍ୟକଳାପ ଆରମ୍ଭ ହୋଇଥିଲା) ବଡ ଗର୍ବ ଏବଂ ସମ୍ମାନ ସହିତ ପାଳିତ ହେଲା। ଏହି ଅବସରକୁ "କୃତଜ୍ଞତା ଦିନ" ଭାବରେ ଗମ୍ଭୀରତାର ସହିତ ପାଳନ କରାଗଲା । ଏହା ଏକ ଦିନ ଯାହା ଦୃଷ୍ଟିଶୀଳ ନେତାମାନେ, ପ୍ରତିବଦ୍ଧ କର୍ମଚାରୀମାନେ ଏବଂ ମାନ୍ୟତାପ୍ରାପ୍ତମାନଙ୍କୁ ସମ୍ମାନିତ କରିବା ପାଇଁ ନିର୍ଦ୍ଦିଷ୍ଟ ଏନ୍. ଏଲ୍. ସି. ଆଇ. ଏଲ୍.ର ଉଲ୍ଲେଖନୀୟ ସାତ ଦଶନ୍ଧିର 'ଜର୍ଣ୍ଣି ଅଫ୍ ନେସନ ବିଲ୍ଡିଂ' ସମ୍ବଲପୁରର ପ୍ରକଳ୍ପ କାର୍ଯ୍ୟାଳୟ ଭବନରେ ଏନଏଲସି ଇଣ୍ଡିଆ ଲିମିଟେଡ୍ ପତାକା ଉତ୍ତୋଳନ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଜଗଦୀଶ ଚନ୍ଦ୍ର ମଜୁମଦାର ଗର୍ବର ସହ ପତାକା ଉତ୍ତୋଳନ କରିଥିଲେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ପ୍ରକଳ୍ପ ମୁଖ୍ୟ, ତଲାବିରା ଦ୍ୱିତୀୟ ଏବଂ ତୃତୀୟ ଓସିପି, ଏନଏଲସି ଇଣ୍ଡିଆ ଲିମିଟେଡ୍, ଅନୁଷ୍ଠାନର ଅଭିବୃଦ୍ଧିର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ, ଅଗ୍ରଗତି ଏବଂ ଦେଶର ସଶକ୍ତିକରଣ ଏବଂ ଶକ୍ତି ପାଇଁ ଏହାର ସ୍ଥାୟୀ ପ୍ରତିବଦ୍ଧତା ଏହି ସମାରୋହରେ ରଘୁନାଥ ବେହେରାଙ୍କ ଉପସ୍ଥିତି ଥିଲା, ମୁଖ୍ୟ ମହାପ୍ରବନ୍ଧକ/ଜମି ଏବଂ ସୁବ୍ରତ କୁମାର ବିଶ୍ୱାଳ, ମାନବ ସମ୍ବଳର ଉପ ମହାପ୍ରବନ୍ଧକ/ମୁଖ୍ୟ, ତଲାବିରା ଦ୍ୱିତୀୟ ଏବଂ ତୃତୀୟ ଓସିପିର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଏକ ବୃହତ ସମାବେଶ ସହିତ କର୍ମଶକ୍ତିର ଉତ୍ସାହୀ ଅଂଶଗ୍ରହଣ ସଙ୍ଗଠନର ସମସ୍ତ ସ୍ତରରେ ଅଂଶୀଦାର ହୋଇଥିବା ନିଜସ୍ୱତା ଏବଂ ଗର୍ବର ଗଭୀର ଭାବନାକୁ ପ୍ରତିଫଳିତ କରେ । ଏକ ଗଭୀର ପ୍ରତୀକାତ୍ମକ ଅଭିବ୍ୟକ୍ତି ସ୍ୱରୂପ, ବରିଷ୍ଠ ଅଧିକାରୀମାନେ ଦୂରଦୃଷ୍ଟିସମ୍ପନ୍ନ ନେତା ଏବଂ ଅକ୍ଳାନ୍ତ ଶ୍ରମଶକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଦୀପ ପ୍ରଜ୍ୱଳନ କରିଥିଲେ, ଯେଉଁମାନେ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଏନଏଲସିଆଇଏଲକୁ ଭାରତର ଅନ୍ୟତମ ପ୍ରମୁଖ ଶକ୍ତି ଉଦ୍ୟୋଗରେ ପରିଣତ କରିଥିଲେ। ଏହି ଦୀପ ପ୍ରଜ୍ୱଳନ 'କୃତଜ୍ଞତା ଦିବସ' ର ଭାବନାକୁ ରେଖାଙ୍କିତ କରିଥିଲା-ଯେଉଁମାନେ ଏହି ଅନୁଷ୍ଠାନକୁ ଇଟା ଇଟା କରି ନିର୍ମାଣ କରିଥିଲେ, ସେମାନଙ୍କ ପାଇଁ ବିରତି ଦେବା, ଚିନ୍ତା କରିବା ଏବଂ ହୃଦୟରୁ ପ୍ରଶଂସା ପ୍ରକାଶ କରିବାର ଏକ ମୁହୂର୍ତ୍ତ । ଏହି ସମାବେଶକୁ ସମ୍ବୋଧିତ କରି ଜଗଦୀଶ ଚନ୍ଦ୍ର ମଜୁମଦାର ଏନଏଲସିଆଇଏଲର ଅଭିବୃଦ୍ଧିର ବିଭିନ୍ନ ମାଇଲଖୁଣ୍ଟ ଏବଂ ପରିବର୍ତ୍ତନମୂଳକ ପର୍ଯ୍ୟାୟ ଦେଇ ଦର୍ଶକଙ୍କୁ ଏକ ପ୍ରେରଣାଦାୟୀ ଯାତ୍ରାରେ ନେଇଯାଇଥିଲେ। ଏନଏଲସିଆଇଏଲକୁ ଏକ ସମୃଦ୍ଧ ଏବଂ ପ୍ରଗତିଶୀଳ ସଂଗଠନରେ ପରିଣତ କରିବାରେ କର୍ମଚାରୀ ଏବଂ ଅଂଶୀଦାରମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସେ ରେଖାଙ୍କିତ କରିଥିଲ। ଶ୍ରୀ ମଜୁମଦାର ବିଶେଷ କରି ଏନଏଲସିଆଇଏଲର ପ୍ରଥମ କୋଇଲା ଖଣି ଉଦ୍ୟୋଗ ଭାବରେ ତାଲାବିରା ପ୍ରକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, କମ୍ପାନୀର ଭବିଷ୍ୟତକୁ ସୁଦୃଢ଼ କରିବା ଏବଂ ଭାରତର ଶକ୍ତି ସୁରକ୍ଷାରେ ଯୋଗଦାନ କରିବାରେ ଏହାର ରଣନୈତିକ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କର୍ମଚାରୀଙ୍କ ଅକ୍ଳାନ୍ତ ପ୍ରୟାସ, ଅତୁଟ ସମର୍ପଣ ଏବଂ ସଂଗଠନକୁ ଆଗକୁ ନେବାରେ ସେମାନେ କରିଥିବା ବଳିଦାନ ପାଇଁ ପ୍ରଶଂସା କରିଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭ ବିଭାଗର ୧୦ଟି ପ୍ରସ୍ତାବକୁ...

ଏଥିପାଇଁ କଲେକ୍ଟରଙ୍କ ଏନଓସି ଯଥେଷ୍ଟ ହେବ। କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ମତ୍ସ୍ୟଜୀବୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ସମୁଦ୍ରରେ ସୁରକ୍ଷା ଓ ସାମୁଦ୍ରିକ ସମ୍ପଦ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ମେରିନ୍ ଫିସିଂ ରେଗୁଲେସନ୍ ୧୯୮୨ ପରିବର୍ତ୍ତନ କରି ନୂଆ 'ଓଡ଼ିଶା ମେରିନ୍ ଫିସିଂ ରେଗୁଲେସନ୍ ଆକ୍ଟ ୨୦୨୬' ଆସିବ। ବେଆଇନ୍ ମାଛଧରା ବନ୍ଦ ହେବ। ଇଲିଗାଲ୍ ଫିସିଂ ଆକ୍ଟିଭିଟି ଉପରେ କଡ଼ା ରୋକ୍ ଲାଗିବ। ମନିଟରିଂ ଓ ସଂରକ୍ଷଣ ପାଇଁ ନୂଆ ଟେକ୍ନୋଲୋଜି ବ୍ୟବହାର ହେବ। ସେହିପରି କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ରାଜ୍ୟରେ ଆବିଷ୍କୃତ ହୋଇଥିବା ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ଯଥା: ମନ୍ଦିର ଓ ସ୍ମାରକୀ ଗୁଡିକର ସୁପରିଚାଳନା, ସୁରକ୍ଷା ଏବଂ ସଂରକ୍ଷଣ ଉଦ୍ଦେଶ୍ୟରେ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ବର୍ଗର ବିଭିନ୍ନ ପଦବୀରେ ନିଯୁକ୍ତି ଓ ପଦୋନ୍ନତି ପାଇଁ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମ, ୨୦୨୬ ଗଠନ ପ୍ରସ୍ତାବ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ ଓ ଆଇନ ବିଭାଗଙ୍କ ଅନୁମୋଦନ ପରେ ଓଡ଼ିଶା ଲୋକ ସେବା ଆୟୋଗଙ୍କ ସ୍ୱୀକୃତି ଲାଭ କରିଛି। ଏ ସଂକ୍ରାନ୍ତ ପ୍ରସ୍ତାବ କ୍ୟାବିନେଟ ଦ୍ୱାରା ଅନୁମୋଦିତ ହୋଇଛି। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟମାନଙ୍କରେ କୋର୍ଟ ମ୍ୟାନେଜରମାନଙ୍କ ସେବାକୁ ନିୟମିତକରଣ ପାଇଁ ଏକ ନୂତନ ନିୟମାବଳୀ ପ୍ରଣୟନ କରିବା ଆବଶ୍ୟକ। ଉକ୍ତ ନିୟମାବଳୀର ପ୍ରଣୟନ କରାଯିବା ଦ୍ୱାରା ଜିଲ୍ଲା ନ୍ୟାୟାଧୀଶମାନଙ୍କର ପ୍ରଶାସନିକ କ୍ଷମତା ବୃଦ୍ଧି ପାଇବା ସହିତ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ। ଓଡ଼ିଶା ଜିଲ୍ଲା ଏବଂ ସିଭିଲ୍ କୋର୍ଟର ଅଣ -ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୦୮ର ସଂଶୋଧନ ମାଧ୍ୟମରେ ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିଅର କ୍ଲର୍କ ପଦବୀକୁ ପଦୋନ୍ନତି ପାଇବାର ସୁଯୋଗ ଦିଆଯାଇଛି। ଏହି ପଦକ୍ଷେପ ଫଳରେ ଖାଲିଥିବା ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରାଯିବା ଦ୍ୱାରା ପ୍ରଶାସନିକ କାର୍ଯ୍ୟକୁଶଳତା ବୃଦ୍ଧି ପାଇବ। ଏହା ମାଧ୍ୟମରେ ନ୍ୟାୟାଳୟ କାର୍ଯ୍ୟ ସୁପରିଚାଳିତ ଭାବେ ଚାଲିବା ସହିତ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସହାୟକ ହେବ। କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ୧୯୭୪ ରୁ ୨୦୨୫ ମଧ୍ୟରେ ରାଜ୍ୟ ବିଧାନସଭା ଦ୍ୱାରା ପ୍ରଣୀତ ୩୫୮ଟି ଅଧିନିୟମକୁ ଆଇନ ବିଭାଗ ବିଲୋପ ପାଇଁ ଚିହ୍ନଟ କରିଥିଲା, ଯାହାକୁ ବିଲୋପ କରିବାକୁ ସୁପାରିସ କରାଯାଇଛି, କାରଣ ଏହି ଆଇନଗୁଡ଼ିକ ଅପ୍ରୟୋଜନୀୟ କିମ୍ବା ଅପ୍ରଚଳିତ ହୋଇପଡ଼ିଛି। ଏହିପରି ଓଡ଼ିଶା ରାଜ୍ୟ ଆଇନ ଆୟୋଗର ସୁପାରିସକୁ ଗ୍ରହଣ କରିବା ଏବଂ ୨୦୨୬ ର ଓଡ଼ିଶା ବିଲୋପ ବିଲ୍ ପ୍ରଣୟନ ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି, ଯାହା ୧୯୭୪ ରୁ ୨୦୨୫ ମଧ୍ୟରେ ପ୍ରଣୀତ ୩୫୮ଟି ଅଧିନିୟମକୁ ବିଲୋପ କରିବ। ରାଜ୍ୟରେ ହାଇସ୍ପିଡ୍ ଡିଜେଲର ବିକ୍ରୟ ଓ ବିତରଣକୁ ନିୟନ୍ତ୍ରଣ କରିବା ନିମନ୍ତେ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ୧୯୫୫ ଅନୁଯାୟୀ, ରାଜ୍ୟ ସରକାର ପୂର୍ବରୁ, "ଓଡ଼ିଶା ହାଇସ୍ପିଡ୍ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯" ଲାଗୁ କରିଥିଲେ। ଇତିମଧ୍ୟରେ ବ୍ୟବସାୟିକ କାରବାରକୁ ସହଜ କରିବା ଓ ଏହାର କାର୍ଯ୍ୟ ପ୍ରଣାଳୀର ବିଳମ୍ବିତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ, କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ, ଖୁଚୁରା ବିକ୍ରୟ ପାଇଁ ଥିବା ଲାଇସେନ୍ସ ବ୍ୟବସ୍ଥାକୁ ରଦ୍ଦ କରିବାକୁ ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଏହି ପରାମର୍ଶକୁ ଅନୁସରଣ କରି ରାଜ୍ୟ କ୍ୟାବିନେଟ୍ "ଓଡ଼ିଶା ହାଇସ୍ପିଡ୍ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯"କୁ ରଦ୍ଦ କରିବା ପାଇଁ "ଓଡ଼ିଶା ହାଇସ୍ପିଡ୍ ଡିଜେଲ ଡିଲର୍ସ ଲାଇସେନ୍ସ ରିପିଲ୍, ୨୦୨୬" ନାମକ ଏକ ନୂତନ ଅଧିସୂଚନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ବ୍ୟବସାୟିକ କାରବାରକୁ ପ୍ରୋତ୍ସାହନ ମିଳିବା ସହିତ ଏହାର କାର୍ଯ୍ୟ ପ୍ରଣାଳୀରେ ସହଜତା ଓ ସରଳୀକରଣ ଉପଲବ୍ଧି ହେବ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ରିଟେଲ ଆଉଟଲେଟ୍ ସ୍ଥାପନ କରିବା ନିମନ୍ତେ ଜିଲ୍ଲାପାଳ ତଥାଜିଲ୍ଲା ମ୍ୟାଜିଷ୍ଟ୍ରେଟଙ୍କ ଠାରୁ ଆବଶ୍ୟକୀୟ ଆପତ୍ତି ବିହୀନ ପ୍ରମାଣପତ୍ର ଗ୍ରହଣ କରିଥାନ୍ତି। ଜିଲ୍ଲାପାଳମାନେ ଅଗ୍ନିଶମ, ପୂର୍ତ୍ତ, ରାଜସ୍ୱବିଭାଗ ଓ ପେଟ୍ରୋଲିୟମ ଏବଂ ବିସ୍ଫୋରକ ସୁରକ୍ଷା ସଂଗଠନର ଅନୁମୋଦନ ଆଧାରରେ ଏହି ଏନଓସି ପ୍ରଦାନ କରିଥାନ୍ତି। ଉପରୋକ୍ତ ସିଦ୍ଧାନ୍ତ ଅନୁଯାୟୀ, ରିଟେଲ ଆଉଟଲେଟ୍ ଗୁଡ଼ିକୁ ପୁନର୍ବାର ଏହି ସମସ୍ତ ଅନୁମୋଦନ ଗ୍ରହଣ କରିବାର ଆବଶ୍ୟକତା ରହିବ ନାହିଁ। ଅତଏବ, ହାଇସ୍ପିଡ୍ ଡିଜେଲର ବିକ୍ରୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମର ନିୟମାବଳୀ ଦ୍ୱାରା ପୂର୍ବଭଳି ପରିଚାଳିତ ହେବ।

## ଇଟାଲୀରେ ପ୍ରଧାନମନ୍ତ୍ରୀଙ୍କୁ...

ଆମେ ଭାରତ-ଇଟାଲୀ ବନ୍ଧୁତାକୁ ଆହୁରି ମଜଭୁତ କରିବାର ଉପାୟ ଉପରେ ଆମର ଆଲୋଚନା କରିଥିଲୁ।' ଅନ୍ୟ ଏକ ପୋଷ୍ଟରେ, ମେଲୋନି ଭାରତୀୟ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରି ଲେଖିଛନ୍ତି, 'ରୋମ୍‌କୁ ସ୍ୱାଗତ, ମୋର ବନ୍ଧୁ!' ସେ ଐତିହାସିକ କଲୋସିୟମରେ ନେତାମାନଙ୍କର ଫଟୋ ମଧ୍ୟ ସେୟାର କରିଛନ୍ତି, ଯେଉଁଥିରେ ଗସ୍ତ ସମୟରେ ସେମାନଙ୍କର ଅନୌପଚାରିକ ଆଲୋଚନାକୁ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଏବଂ ଇଟାଲୀ ମଧ୍ୟରେ ସମ୍ପର୍କ ଉନ୍ନତ ହେଉଛି।

## ପ୍ରକାଶ ପାଇଲା ଯୁକ୍ତ ଦୁଇ...

ନବରଙ୍ଗପୁର ଜିଲ୍ଲା ୧୦୦ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ମାଲକାନଗିରି ଜିଲ୍ଲା ସର୍ବନିମ୍ନ ୫୫.୨୨ ପ୍ରତିଶତ ରହିଛି। ସୂଚନାନୁସାରେ, ମଇ ୨୧ ତାରିଖରୁ ଡିଜି ଲକର୍‌ରୁ ମାର୍କସିଟ୍ ଡାଉନଲୋଡ୍ କରିପାରିବେ ଛାତ୍ରଛାତ୍ରୀ। ଏଥିସହ ଜୁନ୍ ୧୫ ତାରିଖରୁ ମାର୍କସିଟ୍‌ର ହାର୍ଡ କପି ନିଜ ନିଜ ଶିକ୍ଷାନୁଷ୍ଠାନରୁ ପାଇପାରିବେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଏକ ବିଶେଷ ଘୋଷଣା କରି ଚଳିତ ବର୍ଷ ଛାତ୍ରଛାତ୍ରୀମାନେ କୌଣସି ଗୋଟିଏ ବିଷୟରେ ଉନ୍ନତି (ଇମ୍ପ୍ରୁଭମେଣ୍ଟ) ପରୀକ୍ଷା ଦେଇପାରିବେ ବୋଲି କହିଛନ୍ତି। ଜୁଲାଇ ପ୍ରଥମ ସପ୍ତାହରେ ଇନଷ୍ଟାଣ୍ଟ ପରୀକ୍ଷା ଓ ଉନ୍ନତି (ଇମ୍ପ୍ରୁଭମେଣ୍ଟ) ପରୀକ୍ଷା ପାଇଁ ଆବେଦନ କରିପାରିବେ, ଏଥିନିମନ୍ତେ ଆସନ୍ତା ୨୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ।

ପରୀକ୍ଷା ଫଳ ଘୋଷଣା ବେଳେ ମନ୍ତ୍ରୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡା ଏନ୍.ତିରୁମାଲା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଲୋପାମୁଦ୍ରା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଡ ପ୍ରଶାନ୍ତ କୁମାର ପରିଡ଼ା, ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶୁଭ୍ରାବାଳା ବେହେରା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପଞ୍ଜାବରେ ସ୍ଥଗିତ ରହିଲା...

ପ୍ରଶାସନ ଶୁଣୁଛି, ଅନ୍ୟ ରାଜ୍ୟର ଜଗନ୍ନାଥ ମନ୍ଦିର କମିଟି ମାନୁଛି। ହେଲେ ଏବେ ବି ଅମାନିଆ ଇସ୍କନ! ପରମ୍ପରାକୁ ବାରମ୍ବାର ବେଖାତିର କରୁଛି! ଜଗନ୍ନାଥ ସଂସ୍କୃତି ସହ ଖେଳ ଖେଳୁଛି! କୋଟିକୋଟି ଭକ୍ତଙ୍କ ଭାବବେଗକୁ ଆଘାତ ଦେଉଛି! ଗତ କିଛି ଦିନ ଭିତରେ ଅଷ୍ଟ୍ରେଲିଆ, ଦକ୍ଷିଣଆଫ୍ରିକା, ଆମେରିକାରେ ଅଦିନିଆ ରଥଯାତ୍ରା ଆୟୋଜନ କରିଛନ୍ତି ଇସ୍କନ କର୍ତ୍ତୃପକ୍ଷ। ସଫେଇ ରଖିବାକୁ ଯାଇ ଅବାନ୍ତର ଯୁକ୍ତି ବାଢୁଛନ୍ତି। ଏପଟେ ବିଦେଶରେ ହେଉଥିବା ଅଦିନିଆ ରଥଯାତ୍ରା ରୋକିବା ପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି ସ୍ଥାନୀୟ ଇସ୍କନ କର୍ତ୍ତୃପକ୍ଷ। ଏସବୁ ଭିତରେ, ଦକ୍ଷିଣ ଆଫ୍ରିକାର ଜୋହାନ୍‌ସବର୍ଗ ସ୍ୟାଣ୍ଡଟନ୍ ଇସ୍କନ୍ ପକ୍ଷରୁ ମେ' ୧୦ରେ ସ୍ନାନଯାତ୍ରା ଏବଂ ୧୫ ଓ ୧୬ ତାରିଖରେ ରଥଯାତ୍ରା ପାଳନକୁ ନେଇ ଦୁଃଖ ପ୍ରକାଶ କରିଛି ସେଠାକାର ଓଡ଼ିଆ ସମାଜ। ଇସ୍କନ କର୍ତ୍ତୃପକ୍ଷଙ୍କୁ ଭେଟି ନିଜ ମତ ରଖିଛନ୍ତି ପ୍ରବାସୀ ଓଡ଼ିଆ। ଉତ୍ତରପ୍ରଦେଶ ହାପୁରରେ ମଧ୍ୟ ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି ପାଳିବାକୁ ଯାଉଛି ଅଦିନିଆ ନେତ୍ରୋତ୍ସବ ଓ ରଥଯାତ୍ରା। ଏହାକୁ ଦୃଢ଼ ପ୍ରତିବାଦ ଜଣାଇ ହାପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଛି ଶ୍ରୀମନ୍ଦିର ପ୍ରଶାସନ।

## ଦେଶବ୍ୟାପୀ ଔଷଧ ବିକ୍ରେତାଙ୍କ...

ଚେନ୍ ଖୋଲା ରହିଥିଲା। ଦେଶବ୍ୟାପୀ କେମିଷ୍ଟ, ଫାର୍ମାସିଷ୍ଟ ଏବଂ ଔଷଧ ବିତରକଙ୍କ ଧର୍ମଘଟ ବିଷୟରେ ପଚରାଯିବାରୁ ଜଣେ ବିକ୍ରୟ କାର୍ଯ୍ୟନିର୍ବାହୀ କହିଥିଲେ, 'ଆମେ ଏହି ଧର୍ମଘଟର ଅଂଶ ନୁହେଁ।

## ଚାନ୍ଦିପୁରରେ 'ସୂର୍ଯ୍ୟାସ୍ତ୍ର'ର...

ର ସଫଳ ପରୀକ୍ଷଣ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରକେଟ୍ ସମ୍ପୂର୍ଣ୍ଣ ସୂକ୍ଷ୍ମତା ଓ ସଠିକତାର ସହ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛି। ଏହି ପରୀକ୍ଷଣ ସମୟରେ 'ସୂର୍ଯ୍ୟାସ୍ତ୍ର' ରକେଟ୍ ସିଷ୍ଟମର ଦୁଇଟି ଭିନ୍ନ ସଂସ୍କରଣର ଟ୍ରାଏଲ୍ କରାଯାଇଥିଲା, ଯାହାର ମାରକ କ୍ଷମତା ଯଥାକ୍ରମେ ୧୫୦ କିଲୋମିଟର ଏବଂ ୩୦୦ କିଲୋମିଟର ରହିଛି। ଭାରତୀୟ ସେନା ପକ୍ଷରୁ ଦିଆଯାଇଥିବା ଏକ କ୍ରୟ ଅର୍ଡର ଆଧାରରେ ଏହି ପରୀକ୍ଷଣ କରାଯାଇଛି, ଯାହା ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ଉପରେ ସେନାର ବଢୁଥିବା ଭରସାକୁ ଦର୍ଶାଉଛି।

## ମୁଖ୍ୟମନ୍ତ୍ରୀ-ଜାପାନ କନ୍‌ସୁଲ...

କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। କନସୁଲ ଜେନେରାଲ୍ ମିଷ୍ଟର ଇସିକାୱା ଉଭୟ ଜାପାନ ଓ ଓଡ଼ିଶା ମଧ୍ୟରେ ଥିବା ଐତିହାସିକ କଳା, ଐତିହ୍ୟ ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶ ଉଦ୍ୟମରେ ଜାପାନ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାପାନର ଏକ ରାଜ୍ୟ 'ତୋତ୍ତୋରି' ଓ ଓଡ଼ିଶା ମଧ୍ୟରେ ସହଭାଗିତା ହେବ। ଏହି ଉଭୟ ରାଜ୍ୟ 'ସିଷ୍ଟର ଷ୍ଟେଟ୍ସ' ଭାବରେ କାର୍ଯ୍ୟ କରିବେ। ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ଡେଲିଗେସନ ଆଗାମୀ ଦିନରେ ପରସ୍ପର ରାଜ୍ୟକୁ ଗସ୍ତ କରିବେ। ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ତୋତ୍ତୋରିର ରାଜ୍ୟପାଳ ଏହି ପାର୍ଟନରସିପ୍ ସମ୍ପର୍କରେ ଅଧିକୃତ ଘୋଷଣା କରିବେ। ଏହା ସହିତ ଓଡ଼ିଶାର ଯୁବକମାନେ କିପରି ଜାପାନରେ ଅଧିକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦିନରେ ଜାପାନର ରିକ୍ରୁଟମେଣ୍ଟ ଏଜେନ୍ସି ମାନେ ଓଡ଼ିଶାରେ କାମ କରିବେ। ଓଡ଼ିଶାର ଯୁବକ ଯୁବତୀମାନେ ଯେପରି ଅଧିକ ସଂଖ୍ୟାରେ ଜାପାନରେ ନିଯୁକ୍ତି ପାଇପାରିବେ, ସେଦିଗରେ ଏହି ସଂସ୍ଥାମାନେ ସହଯୋଗ ଯୋଗାଇଦେବେ। ଏହା ବ୍ୟତୀତ ଜାପାନ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଟେକ୍ନୋଲୋଜି ଓ ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ବୁଦ୍ଧିଷ୍ଟ ସର୍କିଟ୍ ଓ ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହା ସହିତ ଶିକ୍ଷା କ୍ଷେତ୍ରରେ ସହଭାଗୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ।

## ଇରାନ ଯୁଦ୍ଧରେ ୪୨...

ଏହି ଅପରେସନ ସମୟରେ ଇରାନର ଅନେକ ଅଞ୍ଚଳରେ ଥିବା ସାମରିକ ଘାଟିକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖେମିନିଙ୍କ ସମେତ ଅନେକ ପ୍ରମୁଖ ନେତା ଏବଂ ସାମରିକ ଅଧିକାରୀ ନିହତ ହୋଇଥିଲେ। କଂଗ୍ରେସନାଲ୍ ରିସର୍ଚ୍ଚ ସର୍ଭିସ୍ (ସିଆରଏସ୍) ଆମେରିକାର ଅପରେସନ୍ ଉପରେ ଏକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧରେ ଆମେରିକା ବହୁ କ୍ଷତି ସହିଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ୫୦୦ରୁ ଅଧିକ ଚାଷୀ ଜୈବିକ ମହୁ ଚାଷରେ ନିୟୋଜିତ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ସିଏସଆର କାର୍ଯ୍ୟକ୍ରମ, ବେଦାମୃତର ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ଏବଂ କ୍ଷମତା-ନିର୍ମାଣ ପଦକ୍ଷେପର ଏକ ଶୃଙ୍ଖଳା ମାଧ୍ୟମରେ ବିଶ୍ୱ ମହୁମାଛି ଦିବସ ପାଳନ କରିଛି, ଯାହା ଓଡ଼ିଶାରେ ସ୍ଥାୟୀ ଜୀବିକା, ଜୈବିବିଧତା ସଂରକ୍ଷଣ ଏବଂ ଗ୍ରାମୀଣ ଉଦ୍ୟୋଗ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଏବଂ ଲାଇକେରା ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବୈଜ୍ଞାନିକ ମହୁମାଛି ପାଳନ ଏବଂ ସ୍ଥାୟୀ ମହୁ ଉତ୍ପାଦନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ୨୦ ରୁ ଅଧିକ ଚାଷୀ, ସମ୍ପ୍ରଦାୟ ସଦସ୍ୟ, ବୈଷୟିକ ବିଶେଷଜ୍ଞ ଏବଂ ସରକାରୀ ଅଂଶୀଦାରମାନଙ୍କୁ ଏକତ୍ରିତ କରିଛି। ୨୦ ମଇରେ ବିଶ୍ୱ ସ୍ତରରେ ପାଳିତ ବିଶ୍ୱ ମହୁମାଛି ଦିବସ ଜୈବିବିଧତା ବଜାୟ ରଖିବା, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ କୃଷି ପରିସଂସ୍ଥାକୁ ସମର୍ଥନ କରିବାରେ ମହୁମାଛି ଏବଂ ଅନ୍ୟାନ୍ୟ ପରାଗକଙ୍କ ଅପରିହାର୍ଯ୍ୟ ଭୂମିକାକୁ ସ୍ୱୀକୃତି ଦିଏ। ବିଶ୍ୱ ମହୁମାଛି ଦିବସ ୨୦୨୬ ପାଇଁ ମିଳିତ ଜାତିସଂଘର ବିଷୟବସ୍ତୁ, 'ଲୋକ ଏବଂ ଗ୍ରହ ପାଇଁ ମହୁମାଛି ଏକାଠି - ଏକ ସହଭାଗୀତା ଯାହା ଆମ ସମସ୍ତଙ୍କୁ ବଜାୟ ରଖେ', ପରାଗକମାନଙ୍କୁ ସୁରକ୍ଷା ଦେବା ଏବଂ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସାମୂହିକ କାର୍ଯ୍ୟ ପାଇଁ ଆହ୍ୱାନ ଦେଇଛି। ବେଦାନ୍ତ ଆଲୁମିନିୟମର ବେଦାମୃତ ପଦକ୍ଷେପ ସମ୍ପ୍ରଦାୟ-ନେତୃତ୍ୱାଧୀନ ଜୀବିକା ସୃଷ୍ଟି ସହିତ ପରିବେଶଗତ ସଚେତନତାକୁ ସମନ୍ୱିତ କରି ଏହି ଦୃଷ୍ଟିକୋଣ ସହିତ ଘନିଷ୍ଠ ଭାବରେ ସମନ୍ୱିତ। ଏହି ଅବସରରେ ପାଳନ କରିବା ପାଇଁ, ଅଂଶଗ୍ରହଣକାରୀମାନେ ଭାରତ ସରକାରଙ୍କ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଦ୍ୱାରା ମହୁମାଛି କଲୋନୀ ପରିଚାଳନା, ରୋଗ ନିବାରଣ, କୀଟପତଙ୍ଗ ନିୟନ୍ତ୍ରଣ ଏବଂ ଖାଦ୍ୟ କୌଶଳ ଉପରେ ଆୟୋଜିତ ବୈଷୟିକ ଅଧିବେଶନରେ ଯୋଗ ଦେଇଥିଲେ, ଯାହା ଦ୍ୱାରା ସେମାନଙ୍କୁ ବର୍ଷା ଋତୁ ଆରମ୍ଭ ପାଇଁ ପ୍ରସ୍ତୁତ କରାଯାଇପାରିବ। ସ୍ୱଚ୍ଛ ମହୁ ନିଷ୍କାସନ ଏବଂ ପ୍ରକ୍ରିୟାକରଣ ପଦ୍ଧତି ଉପରେ ପ୍ରଦର୍ଶନ ମଧ୍ୟ କରାଯାଇଥିଲା, ପାରସ୍ପରିକ ଅଧିବେଶନ ଏବଂ ସ୍ଥାୟୀ ମଧୁ ଚାଷ ପ୍ରତି ସଫଳ ମହୁମାଛି ପାଳନକାରୀଙ୍କ ଅବଦାନ ପାଇଁ ସ୍ୱୀକୃତି ଦିଆଯାଇଥିଲା। ଏହି ଅବସରରେ, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସ୍ଥାୟୀତ୍ୱ ଉଭୟ ସମ୍ପ୍ରଦାୟ ଏବଂ ପରିବେଶ ପାଇଁ ଅର୍ଥପୂର୍ଣ୍ଣ ମୂଲ୍ୟ ସୃଷ୍ଟି କରିବା ଆବଶ୍ୟକ। ବେଦାମୃତ ମାଧ୍ୟମରେ, ଆମେ ଗ୍ରାମୀଣ ସମ୍ପ୍ରଦାୟକୁ ବୈଜ୍ଞାନିକ ମଧୁଚାଷ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ମାଣ କରିବାକୁ ସକ୍ଷମ କରୁଛୁ ଏବଂ ଜୈବ ବିବିଧତା ସଂରକ୍ଷଣ ଏବଂ କୃଷିକୁ ସମର୍ଥନ କରିବାରେ ମହୁମାଛିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସଚେତନତା ବୃଦ୍ଧି କରୁଛୁ।" ଝାରସୁଗୁଡାର କିଷାନ ଭୁଗ୍ୟାନ କେନ୍ଦ୍ରର ବୈଜ୍ଞାନିକ ଅନୁଜ ରାୟ କହିଛନ୍ତି, "ବୈଜ୍ଞାନିକ ମଧୁଚାଷରେ ଗ୍ରାମୀଣ ଜୀବିକାକୁ ପରିବର୍ତ୍ତନ କରିବାର ଅପାର ସମ୍ଭାବନା ଅଛି ଏବଂ ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରାଯାଉଛି। ବେଦାମୃତ ଭଳି ପ୍ଲାଟଫର୍ମ ଚାଷୀମାନଙ୍କୁ ବୈଜ୍ଞାନିକ ମହୁଚାଷ, ଋତୁକାଳୀନ ପରିଚାଳନା ଏବଂ ଗୁଣାତ୍ମକ ମହୁ ଉତ୍ପାଦନ ଉପରେ ବ୍ୟବହାରିକ ଜ୍ଞାନ ସହିତ ସଜ୍ଜିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଚାଷୀମାନଙ୍କ ମଧ୍ୟରେ ସଚେତନତା ଏବଂ ଗ୍ରହଣ ବୃଦ୍ଧି ଦେଖିବା ଉତ୍ସାହଜନକ, ଯାହା କେବଳ ସେମାନଙ୍କର ଆୟ ବୃଦ୍ଧି କରିବ ନାହିଁ ବରଂ ପରାଗପଣ, କୃଷି ଉତ୍ପାଦକତା ଏବଂ ଜୈବ ବିବିଧତା ସଂରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।" ବେଦାମୃତ ଜୀବିକା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ମାଧ୍ୟମରେ କୃଷକ ଉତ୍ପାଦକ ସଂଗଠନ ମଡେଲ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ମହୁମାଛି ପାଳନ କରୁଥିବା ଚାଷୀମାନଙ୍କୁ ସଂରଚିତ ତାଲିମ, ଭିତ୍ତିଭୂମି ସହାୟତା, ପ୍ରକ୍ରିୟାକରଣ ସୁବିଧା ଏବଂ ବଜାର ସଂଯୋଗ ପ୍ରଦାନ କରେ। ବର୍ତ୍ତମାନ ସାରା ଓଡ଼ିଶାରେ ୫୦୦ ରୁ ଅଧିକ ଚାଷୀଙ୍କୁ ଉପକୃତ କରୁଥିବା ବେଦାମୃତ ପୂର୍ବ ଭାରତରେ ସବୁଠାରୁ ବଡ଼ ଏଫପିଓ ଏବଂ ଆର୍ଥିକ ବର୍ଷ ୨୮ ସୁଦ୍ଧା ୧୫୦୦ ଚାଷୀଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛି, ଯାହାର ଲକ୍ଷ୍ୟ ବାର୍ଷିକ ୨୦,୦୦୦ ଲିଟର ମହୁ ଉତ୍ପାଦନ ଏବଂ ଆନୁମାନିକ ୧ କୋଟି ଟଙ୍କାର ରାଜସ୍ୱ ସମ୍ଭାବନା ସୃଷ୍ଟି କରିବା। ପ୍ରକଳ୍ପର ପ୍ରଭାବକୁ ସମ୍ପ୍ରତି ୯୪ତମ ସଂସ୍କରଣ କର୍ପୋରେଟ୍ ସାମାଜିକ ଦାୟିତ୍ୱ ସମ୍ମିଳନୀ ଏବଂ ପୁରସ୍କାର ୨୦୨୫ରେ 'ଶ୍ରେଷ୍ଠ ସିଏସଆର ପ୍ରକଳ୍ପ' ଭାବରେ ସ୍ୱୀକୃତି ଦିଆଯାଇଛି। ବେଦାନ୍ତର ସାମୁଦାୟିକ ବିକାଶ ପଦକ୍ଷେପଗୁଡ଼ିକ ସମଗ୍ର ଅଞ୍ଚଳରେ ବୃହତ ପରିମାଣର ସାମାଜିକ ପ୍ରଭାବ ଘଟାଇ ଚାଲିଛି, ଆର୍ଥିକ ବର୍ଷ ୨୬ରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ମହିଳା ସଶକ୍ତିକରଣ, ସ୍ଥାୟୀ ଜୀବିକା, ଜଳ ଏବଂ ପରିମଳ, ଯୁବ ଦକ୍ଷତା, କ୍ରୀଡା ଏବଂ ସାମୁଦାୟିକ ଭିତ୍ତିଭୂମିରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ ୬୧ଟି ଗ୍ରାମର ୭ ଲକ୍ଷରୁ ଅଧିକ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।



# ଆୟ ବହିର୍ଭୂତ ସଂପତି ଠୁଳ ମାମଲାରେ ଆର ଆଣ୍ଡ ବି ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୂତ ସଂପତି ମାମଲାରେ ଆର୍ଆଣ୍ଡବି ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ସବରଙ୍କୁ ଭିଜିଲାନ୍ସ ଗିରଫ କରିଛି। ଅଭିଯୁକ୍ତ ବର୍ତ୍ତମାନ ଧର୍ମଗଡ଼ ଆର୍ଆଣ୍ଡବି ଉପଖଣ୍ଡରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଭବାନୀପାଟଣା ଆର୍ଆଣ୍ଡବି ଡିଭିଜନର ପ୍ରଭାରୀ ଇଇ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରୁଥିଲେ। ଭିଜିଲାନ୍ସ ଅଧିକାରୀମାନଙ୍କ କହିବା ଅନୁସାରେ, ଭୁବନେଶ୍ୱର ସବରଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ସମୟରେ ବିପୁଳ ପରିମାଣର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ତଦନ୍ତରେ ତାଙ୍କ ପାଖରେ ୮୩ ଏକର ଜମି ସହିତ ମୋଟ ୯୭ଟି ପ୍ଲଟ, ଚାରିଟି ବହୁମଞ୍ଜିଳା ଭବନ ସହ ମୋଟ ପାଞ୍ଚଟି ଘର, ୧୭ ଏକର ଅଞ୍ଚଳରେ ବିସ୍ତୃତ ଦୁଇଟି ଫାର୍ମ ହାଉସ ଏବଂ ଆଠଟି ଦୋକାନ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ସହ ଅନ୍ୟାନ୍ୟ ସମ୍ପତ୍ତି ଥିବା ପାଇଯାଇଛି। ଭିଜିଲାନ୍ସ କହିଛି ଯେ, ଅଭିଯୁକ୍ତ ଏହି ସମ୍ପତ୍ତିଗୁଡ଼ିକ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଓଡିଶା ଭିଜିଲାନ୍ସ ପକ୍ଷରୁ କୋରାପୁଟ ଭିଜିଲାନ୍ସ ଥାନାରେ କେସ ନମ୍ବର ୦୭/୨୦୨୬ ରୁଜୁ କରାଯାଇଛି। ମାମଲାଟି ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ରେଜିଷ୍ଟର କରାଯାଇଛି।

ଅଧିକାରୀମାନେ କହିଛନ୍ତି ଯେ, ଭୁବନେଶ୍ୱର ସବରଙ୍କୁ ଆଜି ଭବାନୀପାଟଣା ସ୍ଥିତ ବିଶେଷ ନ୍ୟାୟାଧୀଶ, ଭିଜିଲାନ୍ସ ଅଦାଲତରେ ଉପସ୍ଥାପିତ କରାଯିବ। ମାମଲାର ଅଧିକ ତଦନ୍ତ ଚାଲିଛି।

# ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୩୨ଟି ପଦବୀ ସୃଷ୍ଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ନିୟନ୍ତ୍ରଣାଧିନ ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକର (ମଣ୍ଡଳ ଶିକ୍ଷା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟାଳୟଗୁଡ଼ିକ ବ୍ୟତୀତ ) ଅମଲା ପଦବୀଗୁଡ଼ିକ ଜିଲ୍ଲା ରାଜସ୍ୱ ଅମଲା କ୍ୟାଡରର କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ନୂତନ ନିୟମାବଳୀ ପ୍ରଣୟନ ହେବା ଦ୍ୱାରା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକର ମୂଳ ସ୍ତରର ପଦବୀଗୁଡ଼ିକରେ ନିଯୁକ୍ତି ଏବଂ କର୍ମଚାରୀମାନଙ୍କର ପରବର୍ତ୍ତୀ ପଦୋନ୍ନତି ଏହି ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ରହିବ । ନୂତନ ନିୟମ ଅନୁଯାୟୀ, ଚାରୋଟି ସ୍ତରରେ ୧୦୩୨ଟି ପଦବୀ, ଯଥା: କନିଷ୍ଠ ସହାୟକ (୬୩୦), ବରିଷ୍ଠ ସହାୟକ (୨୪୯), ସହକାରୀ ଉପବିଭାଗ ଅଧିକାରୀ (୧୦୦) ଏବଂ ଉପବିଭାଗ ଅଧିକାରୀ (୫୩) ରହିବ ।

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ 13001/564/2627
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୯ ରେ ପ୍ଲଟ୍ ନଂ-4D/1477 ଟିକୁ ଶ୍ରୀମତୀ ଅନିତା ମହାନ୍ତି, ସ୍ୱାମୀ- ଶ୍ରୀ ରଞ୍ଜୀବ ବିଶ୍ୱାଳ, ସା-କ୍ୱାର୍ଟର ନଂ-7R/2, ୟୁନିଟ-୩, ଥା-ଖାରବେଳ ନଗର, ଜିଲ୍ଲା- ଖୋର୍ଦ୍ଧା, ରାଜ୍ୟ-ଓଡିଶା ଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀମତୀ ଅନିତା ମହାନ୍ତି ଉକ୍ତ ପ୍ଲଟ୍ ସହିତ ଗୃହ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ପ୍ରିୟମ୍ବଦା ନାୟକ, ସ୍ୱାମୀ- ଶ୍ରୀ ସୁନେଶ୍ୱର ପାହାଡ଼ ସିଂ, ସା- ଅଲିଶା ବଜାର, ମଙ୍ଗଳା ସାହି, ମଙ୍ଗଳା ମନ୍ଦିର ପାଖ, ପୋ- ଚାନ୍ଦିନୀ ଚୌକ, ଥା-ଲାଲବାଗ, ଜି- କଟକ, ରାଜ୍ୟ- ଓଡିଶା ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)
OIPR-13001/13037/1/26-27/0028

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୧ ମଇ, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ରତ୍ନଭଣ୍ଡାର ଭିତରେ ଭଣ୍ଡାର ମେକାପ ଦାଦା-ପୁତୁରା ହାତାହାତି : ସେବାୟତ ନାରାୟଣ ମେକାପ ନିଲମ୍ବିତ

**ପୁରୀ ୨୦/୦୫ ନ୍ୟୁଜ ବ୍ୟୁରୋ**

ସ୍ଥାନ କାଳ ପାତ୍ର ଭୁଲିଗଲେ । ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ଭଣ୍ଡାର ମେକାପ ସେବାୟତ ଦାଦା-ପୁତୁରା ହାତାହାତି ହୋଇଛନ୍ତି । ସେବା ଖଟିବା ବିବାଦକୁ ନେଇ ଏହି ଘଟଣା ଘଟିଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ହାଇଲେଭଲ କମିଟି ଅଧ୍ୟକ୍ଷଙ୍କ ସାମ୍ନାରେ ଏହି ଘଟଣା ଘଟିଥିଲା । ଭଣ୍ଡାର ମେକାପ ମଧୁସୂଦନ ମେକାପ ଓ ପୁତୁରା ନାରାୟଣ ମେକାପଙ୍କ ମଧ୍ୟରେ ହାତାହାତି ଏବଂ ପାଟିତୁଣ୍ଡ ହୋଇଥିଲା । ପ୍ରଶାସନିକ ଅଧିକାରୀ ଓ ପୁଲିସର ହସ୍ତକ୍ଷେପ ଯୋଗୁଁ ବଡ଼ ଅଘଟଣ ଟଳି ଯାଇଥିଲା । ଗତ ମଙ୍ଗଳବାର ଘଟିଥିବା ଏହି ଘଟଣା ଶ୍ରୀମନ୍ଦିର ଇତିହାସରେ ଏକ ଅଭୁଲା ଅତୀତ ଭାବେ ଲିପିବଦ୍ଧ ହୋଇଛି । ଏହି ଘଟଣା ନେଇ ଭଣ୍ଡାର ମେକାପଙ୍କ ପକ୍ଷରୁ ଗଣମାଧ୍ୟମରେ କୌଣସି ବିବୃତ୍ତି ଦିଆଯାଇନାହିଁ । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଘଟଣାକୁ ନେଇ ଅଳଙ୍କାର



ଗଣତିମଣତି କାର୍ଯ୍ୟ କୌଣସି ପ୍ରଭାବିତ ହୋଇନି । ସେମାନଙ୍କ ପୂର୍ବ ବିବାଦରୁ ଏହି ଘଟଣା ଘଟିଛି । ସେମାନେ ଏହାକୁ ପରସ୍ପର ଭିତରେ ଆଲୋଚନା କରି ସମାଧାନ କରିଦେବା ଭଲ । ପୂର୍ବ ଭଳି ନାରାୟଣ ମେକାପ ରତ୍ନଭଣ୍ଡାର ତନଖି ଟିମ୍ ସହ ଯାଇଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଯାହା ବି ପଦକ୍ଷେପ ନେବ ଆଇନ ଅନୁଯାୟୀ ନେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ସେପଟେ ପୁତୁରା ନାରାୟଣ ମେକାପଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟକୁ ନେଇ ପ୍ରଶାସନିକ କର୍ତ୍ତୃପକ୍ଷ ଅଧିକ ପଚରାଉଚରା କରିଛନ୍ତି । ରତ୍ନଭଣ୍ଡାର ଭିତରେ ଓ ଉଚ୍ଚ ସୁରକ୍ଷା ବଳୟ ଭିତରେ ଘଟଣା ଘଟିଥିବାରୁ ଏହାକୁ ସହରବାସୀ ସହଜରେ ଗ୍ରହଣ କରିପାରିନାହାନ୍ତି । ଯଦି ପୂର୍ବ ବିବାଦ ଥିଲା, ପ୍ରଶାସନ ଏହାକୁ ଜାଣିବାର ଥିଲା ଓ ବାହାରେ ଏହାର ସମାଧାନ କରିବାର ଥିଲା ବୋଲି ମତ ପ୍ରକାଶ ପାଇଛି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ ଭଣ୍ଡାର ମେକାପ ସେବାୟତ ଦାଦା-ପୁତୁରା ହାତାହାତି ଘଟଣାରେ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ଆକ୍ସନ୍ ନେଇଛି । ବରିଷ୍ଠ ସେବାୟତ ନାରାୟଣ ମେକାପଙ୍କୁ ନିଲମ୍ବିତ କରିଛି ଶ୍ରୀମନ୍ଦିର ପ୍ରଶାସନ । ସେବା ଖଟିବା ବିବାଦକୁ ନେଇ ହାତାହାତି ଏବଂ ପାଟିତୁଣ୍ଡ ହୋଇଥିଲା ବୋଲି ସୂଚନା ମିଳିଛି । ପ୍ରଶାସନିକ ଅଧିକାରୀ ଓ ପୁଲିସର ହସ୍ତକ୍ଷେପ ପରେ ବନ୍ଦ ହୋଇଥିଲା ବଚସା ।

# ମହାପ୍ରଭୁଙ୍କ ତିନି ରଥ ନିର୍ମାଣରେ ଲାଗେ ୪ ଟନ୍ ଲୁହା

**ପୁରୀ, ୨୦/୦୫ ନ୍ୟୁଜ ବ୍ୟୁରେ**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଆଉ ମାତ୍ର କିଛି ଦିନ ରହିଛି । ପୁରୀରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନେକ ନୀତି ଓ ପରମ୍ପରା ମଧ୍ୟରୁ ରଥ ନିର୍ମାଣ କାମ ଅନ୍ୟତମ । ପ୍ରତ୍ୟେକ ନୀତିର ଭିନ୍ନ ପରମ୍ପରା ରହିଥିବାବେଳେ ରଥ ନିର୍ମାଣର ବି ଭିନ୍ନ ସ୍ୱତନ୍ତ୍ରତା ରହିଛି । ତିନି ରଥରେ ଲାଗେ ୭୦ରୁ ଅଧିକ ପ୍ରକାରର ଲୁହା କଣ୍ଟା । ତିନି ଇଞ୍ଚରୁ ସାଢ଼େ ଚାରି ଫୁଟର କଣ୍ଟା ପ୍ରସ୍ତୁତ କରନ୍ତି ଓଝା ମହାରଣା ସେବାୟତ । କାଠକୁ କାଠରେ ଯୋଡ଼ିବା ପାଇଁ ଲୁହା କଣ୍ଟା ପ୍ରସ୍ତୁତ କରିଥାନ୍ତି ଓଝା ମହାରଣା ସେବକ । ଶ୍ରୀମନ୍ଦିର ନିକଟରେ ଥିବା ଦୋଳବେଦୀରେ ଅସ୍ଥାୟୀ କମାରଶାଳରେ ବିଭିନ୍ନ ପ୍ରକାର ଲୁହା ସାମଗ୍ରୀ ଓ କଣ୍ଟା ପ୍ରସ୍ତୁତ ହୋଇଥାଏ । ମହାପ୍ରଭୁଙ୍କ ଓଝା ସେବକ ଅର୍ଜୁନ ମହାରଣା କୁହନ୍ତି, ''୭୦ରୁ ଅଧିକ ପ୍ରକାର କଣ୍ଟା ଆମେ ପ୍ରସ୍ତୁତ କରୁ । ବିଭିନ୍ନ ପ୍ରକାର କଣ୍ଟା ପ୍ରସ୍ତୁତ ହେଉଥିବାରୁ ସବୁ କଣ୍ଟାର ନାମ ଅଲଗା ଅଲଗା ରହିଛି । କାଠର ନାମ ଥିବାବେଳେ କଣ୍ଟାର ମଧ୍ୟ ନାମ ରହିଛି । ଆମେ ସର୍ବନିମ୍ନ ୩ ଇଞ୍ଚରୁ ୪ ଫୁଟ ଯାଏ କଣ୍ଟା ପ୍ରସ୍ତୁତ କରୁ । ଆମେ ଅକ୍ଷୟ ତୃତୀୟା ଠାରୁ ନବ ଯୌବନ ପର୍ଯ୍ୟନ୍ତ ରଥଖଳାରେ କାର୍ଯ୍ୟ କରୁ । ରଥ ନିର୍ମାଣ ପାଇଁ ମଧ୍ୟ ଲୁହା ସାମଗ୍ରୀ ଯୋଗାଇଦେଉ । ରଥ ନିର୍ମାଣ ପାଇଁ ବ୍ୟବହୃତ ସବୁଠୁ ଛୋଟ କଣ୍ଟା ନାମ ହେଉଛି ଗୋଡିସାଲ ଯାହାକି ୩ ଇଞ୍ଚ ହୋଇଥିବା ବେଳେ ଏହା ପୋଟୋଳ ନିର୍ମାଣ



କାର୍ଯ୍ୟରେ ଲାଗେ । ସେପଟେ ସବୁଠୁ ବଡ କଣ୍ଟା ହେଉଛି ଜଙ୍ଗା । ଯାହାର ଲମ୍ବ ୪ଫୁଟ ରହିଛି'' । ତିନି ରଥ ପାଇଁ ଏକ ହଜାରରୁ ଅଧିକ ଅର କଣ୍ଟା, ତୁମ୍ବରେ ଲାଗୁଥିବା ୮୪ ପନ୍ଦାରି, ୧୬୮ ଟି ପନ୍ଦାରି ଚାବି, ୮୪ଟି ତୁମ୍ବ ବାହାରର ବଳା, ୫୦୦ରୁ ଅଧିକ ଘଡ଼ିମୁହଁ ବିଡିଆ, ୧୨ଟି ଗରଗରା, ୧୨୦ଟି ଗୟଳ କଣ୍ଟା ଓ ଛନ୍ଦା ଗୟଳ, ଯୋଖା, ୧୫୦ରୁ ଅଧିକ କଇଁଚି, ୬ଟି ଓରାକଣ୍ଟା, ୧୫ଟି ଛାର ପରିଛା, ୨୦ଟି କତରା, ୪୪୦ଟି ତାଗ, ୫୦ରୁ ଅଧିକ ବାହୁଟ ଫାଳିଆ, ୬ ଟି ସିଂହାସନ ରାୟ, ୬ଟି ଜଗତଭୂଷଣ ସେଣି, ୩୦ଟି ସିଂହାସନ ଗୁଣ୍ଡୀ, ୬୦ ଶିଖଡମ୍ବରୁ କଣ୍ଟା, ୫୦ ଟି ଅନ୍ଧାରୀ ତାଗ ଓ ଧ୍ୱଜବତା କଣ୍ଟା ଓଝା ସେବକମାନେ ପ୍ରସ୍ତୁତ କରିଥାନ୍ତି । ତିନି ରଥ ପାଇଁ ପ୍ରାୟ ୪ ଟନ୍‌ରୁ ଅଧିକ ଲୁହା କଣ୍ଟା ଦରକାର ହୋଇଥାଏ । ଏଥିପାଇଁ ଦୀର୍ଘ ୫୨ ଦିନ ଧରି ଅସ୍ଥାୟୀ କମାରଶାଳରେ ବିଭିନ୍ନ ଲୁହା କଣ୍ଟା ପ୍ରସ୍ତୁତ କରାଯାଇଥାଏ ।

# ଯୁକ୍ତ ୨ରେ କିସ୍ ଛାତ୍ରଛାତ୍ରୀଙ୍କ ବାଜିମାତ୍

**ଭୁବନେଶ୍ୱର, ୨୦।୫ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ସନ୍ତୋଷଜନକ ସଫଳତା ହାସଲ କରିଛନ୍ତି । ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ ହାର ଯଥାକ୍ରମେ ୮୪.୫୦, ୮୮.୮୦ ଓ ୮୮.୦୭ ପ୍ରତିଶତ ଥିବା ବେଳେ କିସ୍‌ର ପାସ ହାର ଆଶାନୁରୂପ ରହିଛି । ଚଳିତବର୍ଷ କିସ୍‌ରେ ୧୮୪୭ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ । ଏଥର ମଧ୍ୟ କିସ୍‌ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି । କିସ୍‌ରେ ମୋଟ ୫୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି । କଳା ଓ ବାଣିଜ୍ୟରେ ୫ଜଣ ଲେଖାଏଁ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୭ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି ।

ନେହା କୁଜୁର କଳାରେ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ସରିବାଳା ମୁଣ୍ଡା ସର୍ବାଧିକ ୯୬ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ଶଶିମଣୀ ମାଝୀ ସର୍ବାଧିକ ୯୧ ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଛନ୍ତି । କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଡ. ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି ।



## ଜାତିଗତ ଜନଗଣନା ଉପରେ ସୁପ୍ରିମକୋର୍ଟଙ୍କ ମୋହର

# ଆବେଦନ ଖାରଜ, ସରକାରୀ ନୀତିରେ ହସ୍ତକ୍ଷେପକୁ ମନା

**ନୂଆଦିଲ୍ଲୀ, ୨୦/୦୫**

ବୁଧବାର ଦିନ ସୁପ୍ରିମକୋର୍ଟ ଜାତିଗତ ଜନଗଣନାକୁ ଚ୍ୟାଲେଞ୍ଜ କରାଯାଇଥିବା ଏକ ଆବେଦନକୁ ଖାରଜ କରିଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଜାତିଗତ ଜନଗଣନା ଏକ ନୀତିଗତ ମାମଲା ଏବଂ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଜାତିଗତ ଜନଗଣନା ଜାତିଭିତ୍ତିକ ହେବା ଉଚିତ କି ନାହିଁ ତାହା ସରକାରଙ୍କ ନିଷ୍ପତ୍ତି । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ସରକାରଙ୍କୁ ଓବିସିଙ୍କ ସଂଖ୍ୟା ଜାଣିବା ଉଚିତ । ପଛୁଆ ବର୍ଗର ଲୋକଙ୍କ ସଂଖ୍ୟା ସରକାରଙ୍କର ଜାଣିବା ଉଚିତ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ, ଜାତିଗତ ତଥ୍ୟର ଅପବ୍ୟବହାର ହୋଇପାରେ । ସରକାରଙ୍କ ପାଖରେ ପୂର୍ବରୁ ପର୍ଯ୍ୟାପ୍ତ ତଥ୍ୟ ଅଛି, ତେଣୁ ନୂତନ ଜାତିଗତ ଜନଗଣନାର ଆବଶ୍ୟକତା ନାହିଁ । ପ୍ରଧାନ ବିଚାରପତି ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଦେଶରେ କେତେ ଲୋକ ପଛୁଆ ବର୍ଗର ତାହା ଜାଣିବା ସରକାରଙ୍କ ପାଇଁ ଅତ୍ୟାବଶ୍ୟକ, ଯାହା ଦ୍ୱାରା ସେମାନଙ୍କ ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯାଇପାରିବ । କୋର୍ଟ ଏହି ସରକାରୀ ନୀତିଗତ ନିଷ୍ପତ୍ତିଗୁଡ଼ିକରେ ହସ୍ତକ୍ଷେପ କରିପାରିବେ ନାହିଁ, ଯେ ପର୍ଯ୍ୟନ୍ତ ଏହା ଆଇନ ବିରୋଧୀ ନ ହୋଇଛି ।

ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଭାରତରେ ଚଳିତବର୍ଷ ଏପ୍ରିଲ ୧ ରେ ଆରମ୍ଭ ହୋଇଥିଲା । କରୋନା ଯୋଗୁଁ ପାଞ୍ଚ ବର୍ଷ ବିଳମ୍ବ ପରେ, ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ଭାବରେ ଜନଗଣନା କରାଯାଉଛି । ଘର ତାଲିକାଭୁକ୍ତକରଣ ଏବଂ ପରିବାର ଗଣନା ଏପ୍ରିଲ ୧୬ରୁ ମେ' ୧୫ ପର୍ଯ୍ୟନ୍ତ ଚାଲିଥିଲା । ପ୍ରଥମ ପର୍ଯ୍ୟାୟରେ ପରିବାର ଏବଂ ସମ୍ପତ୍ତି ବିଷୟରେ ସୂଚନା ସଂଗ୍ରହ କରାଯାଇଥିଲା, ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ପରିବାର ସଦସ୍ୟଙ୍କ ବିଷୟରେ ସୂଚନା ସଂଗ୍ରହ କରାଯିବ । ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ରେ ଆରମ୍ଭ ହେବ ।



ଜନଗଣନାର ପ୍ରଥମ ପର୍ଯ୍ୟାୟ ବର୍ତ୍ତମାନ ଆଠଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି । ସେଥିମଧ୍ୟରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଗୋଆ, କର୍ଣ୍ଣାଟକ, ଲାକ୍ଷାଦ୍ୱୀପ, ମିଜୋରାମ, ଓଡ଼ିଶା, ସିକିମ ଏବଂ ଦିଲ୍ଲୀର ଏନ୍‌ଡିଏମ୍‌ସି ଏବଂ ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ଅଞ୍ଚଳ ରହିଛି । ଜନଗଣନାର ପ୍ରଥମ ପର୍ଯ୍ୟାୟ ୧ ଏପ୍ରିଲରୁ ୩୦ ସେପ୍ଟେମ୍ବର, ୨୦୨୬ ପର୍ଯ୍ୟନ୍ତ ଛଅ ମାସ ପାଇଁ ଚାଲିବ । ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିଜ ନିଜ ଅଞ୍ଚଳରେ ୩୦ ଦିନ ମଧ୍ୟରେ ସର୍ଭେ ସମାପ୍ତ କରିବାକୁ ପଡିବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମ ଥର ପାଇଁ ଘର ଘର ସର୍ଭେ ପୂର୍ବରୁ ଆତ୍ମ-ଗଣନା ପାଇଁ ୧୫ ଦିନର ସମୟ ରଖାଯାଇଛି, ଯାହା ଦେଶର ଯେକୌଣସି ନାଗରିକଙ୍କୁ ସେମାନଙ୍କ ସୁବିଧା ଅନୁସାରେ ପୂର୍ବରୁ ସେମାନଙ୍କର ସୂଚନା ପ୍ରଦାନ କରିବାକୁ ଅନୁମତି ଦେବ । ଏହା ଉଲ୍ଲେଖନୀୟ ଯେ, ଏହା ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ୍ ଜନଗଣନା, ଯାହାକୁ ସ୍ୱୟଂ-ଗଣନା ପୋର୍ଟାଲ ମାଧ୍ୟମରେ ମଧ୍ୟ ସମାପ୍ତ କରାଯାଇପାରିବ ।

## ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ସଚିବଙ୍କ କଡ଼ା ତାଗିଦ

# କଳାବଜାରୀଙ୍କ ଉପରେ ଆକ୍ସନ୍ ନେବାକୁ ଦେଲେ ପରାମର୍ଶ

**ଭୁବନେଶ୍ୱର,୨୦/୦୫ ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଣ ସଚିବ ସଞ୍ଜୟ ସିଂହଙ୍କ କଡ଼ା ତାଗିଦ । ସ୍ୱଚ୍ଛତା ନ ରଖିଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ । ନିୟମ ପାଳନ ନକଲେ ନିଲମ୍ବିତ ହେବେ କିମ୍ବା ଚାକିରି ଯିବ । ଅତ୍ୟାବଶ୍ୟକ ଦରଦାମ ବୃଦ୍ଧି ସମୟରେ ଅଧିକାରୀ ରିଆକ୍ଟିଭ ନ ହୋଇ ପ୍ରୋଆକ୍ଟିଭ ହେବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାସ୍ତରରେ ଚଢଉ କରି କଳାବଜାରୀଙ୍କ ଉପରେ ଆକ୍ସନ୍ ନେବାକୁ ପରାମର୍ଶ ଦେଇଛନ୍ତି ଯୋଗାଣ ସଚିବ ।

ଯୋଗାଣ ସଚିବ ସଞ୍ଜୟ ସିଂହ କହିଛନ୍ତି ଯେ କଣ୍ଟ୍ରୋଲ୍ ରୁଲ୍ ପାଳନ କରନ୍ତୁ । ନହେଲେ ଆକ୍ସନ୍ ହେବ । ଏଥିପାଇଁ ଯୋଗାଣ ଅଧିକାରୀ ନିଲମ୍ବିତ କିମ୍ବା ବହିଷ୍କୃତ ହେବେ । ଏଲପିଜି, ଡିଜେଲ, ପେଟ୍ରୋଲ ଦରଦାମ ବୃଦ୍ଧିରେ କାହିଁକି ପ୍ରୋ ଆକ୍ଟିଭ୍ ହୋଇ କାମ କରିବାକୁ ନିର୍ଦ୍ଦେଶକୁ ଅପେକ୍ଷା କରିବାକୁ ପଡୁଛି । କିଛି ଅସୁବିଧା ଅଛି ତୁରନ୍ତ ଜଣାଅ । ଜିଲ୍ଲାସ୍ତରରେ ଚଢଉ କର । କଳାବଜାରୀଙ୍କ ଉପରେ ଆକ୍ସନ୍ ନିଅ । କେଉଁଠି ଅସୁବିଧା ରହୁଛି ଜଣାଅ । ଏହି ଅବସରରେ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ପାଳନ ପାଇଁ ଯୋଗାଣ ଅଧିକାରୀମାନଙ୍କୁ ଶପଥ କରାଇଛନ୍ତି ।



ଧାନ କିଣା ବେଳେ ଅବହେଳା କରିଥିବା କିଛି ଯୋଗାଣ ଅଧିକାରୀଙ୍କୁ ସିଧା ସିଧା ତାଗିଦ କଲେ ସଚିବ ସଞ୍ଜୟ ସିଂ । ଧାନ କିଣାରେ ଏସ୍‌ଏଚ୍‌ଜି ନିୟୋଜିତ କରିବା କାରଣରୁ ଭଦ୍ରକ ସିଏସ୍‌ଓଙ୍କୁ ପ୍ରଶ୍ନ କରିଥିଲେ ସଚିବ । କହିଲେ ଏସ୍‌ଏଚ୍‌ଜିଙ୍କୁ ନିୟୋଜିତ କରାଯିବାର କୌଣସି ବ୍ୟବସ୍ଥା ନାହିଁ । ନିଜ ଦରମାରୁ ପଇସା କଟିବ । ଚିଠିର ଉତ୍ତର ଦେଉନଥିବାରୁ ବି ଅସନ୍ତୋଷ ଝାଡ଼ିଲେ । ସେହିପରି ଜଗତସିଂହପୁର ସିଏସ୍‌ଓଙ୍କୁ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ସଚିବ । ଚାଉଳ ଡେଲିଭରୀ ବିଳମ୍ବକୁ ନେଇ ତାଗିଦ କଲେ । ବଲାଙ୍ଗିର ଓ ଢେଙ୍କାନାଳ ସିଏସ୍‌ଓଙ୍କୁ ବି ତାଗିଦ କଲେ । କୋରାପୁଟ ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ସଚିବ ଅସନ୍ତୋଷ ପ୍ରକାଶ କରିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୦/୦୫/୨୦୨୬
୫,୨୯,୧୦୧/- ଟଙ୍କା
ସୁନା:- ୦୧ଗ୍ରାମ୍୧୦୦ ମିଲିଗ୍ରାମ
ରୂପା:- ୧୧୩ଗ୍ରାମ୍୦୦୦ ମିଲିଗ୍ରାମ

# ବିଡିଓଙ୍କ ଖର୍ଚ୍ଚ ସୀମା ୧୦ ଲକ୍ଷକୁ ବୃଦ୍ଧି ନିୟମକୁ ହାଇକୋର୍ଟ ବଜାୟ ରଖିଲେ

**କଟକ, ୨୦/୦୫ ନ୍ୟୁଜ ବ୍ୟୁରୋ**

ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି-ସ୍ୱାକ୍ଷର ବିନା ବ୍ଲକ ଉନ୍ନୟନ ଅଧିକାରୀ (ବିଡ଼ିଓ)ଙ୍କୁ ୧୦ ଲକ୍ଷ ପର୍ଯ୍ୟନ୍ତ ବିଲ୍ ଏବଂ ପେମେଣ୍ଟ ଅର୍ଡରରେ ସ୍ୱାକ୍ଷର କରିବାକୁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଓଡ଼ିଶା ହାଇକୋର୍ଟ ସମର୍ଥନ କରିଛନ୍ତି । ବିଚାରପତିମାନେ କହିଛନ୍ତି ଯେ ଏହି ପରିବର୍ତ୍ତନ ସ୍ଥାନୀୟ ନିର୍ବାଚିତ ନେତାଙ୍କ କର୍ତ୍ତୃତ୍ୱକୁ ଦୁର୍ବଳ କରେ ନାହିଁ । ନୂତନ ନିୟମଗୁଡ଼ିକୁ ବେଆଇନ ଏବଂ ସ୍ଥାନୀୟ ସ୍ୱାୟତ୍ତଶାସନକୁ ଦୁର୍ବଳ କରୁଥିବା ଏକ ଆବେଦନକୁ କୋର୍ଟ ଖାରଜ କରିଛନ୍ତି । କୋର୍ଟ ଏଥିରେ ସହମତ ହୋଇନଥିଲେ । ଖଣ୍ଡପୀଠ ଦର୍ଶାଇଛନ୍ତି ଯେ ଆବେଦନକାରୀଙ୍କ ଚିନ୍ତା ପ୍ରକୃତରେ ନ୍ୟାୟସଙ୍ଗତ ନୁହେଁ । ବିଚାରପତିମାନେ ସରକାରଙ୍କ ପକ୍ଷ ନେଇ କହିଛନ୍ତି ଯେ ଉଚ୍ଚ ଆର୍ଥିକ ସୀମା ଅଧ୍ୟକ୍ଷଙ୍କ କାର୍ଯ୍ୟଭାରକୁ ସହଜ କରିବାରେ ସାହାଯ୍ୟ କରେ, ସ୍ଥାନୀୟ ପ୍ରକଳ୍ପଗୁଡ଼ିକୁ ଦ୍ରୁତ ଗତିରେ ଆଗକୁ ବଢ଼େ ଏବଂ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଉନ୍ନତ କରେ । କୋର୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ନୂତନ ନିୟମ ନିର୍ବାଚିତ ପ୍ରତିନିଧିମାନଙ୍କଠାରୁ ନିୟନ୍ତ୍ରଣ ଛଡ଼ାଇ ନେଇନାହିଁ । ରାୟରେ ଉଲ୍ଲେଖ କରାଯାଇଛି ଯେ ଆଇନରେ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ରହିଛି । ବିଡିଓମାନେ ଛୋଟ ଦେୟ ପାଇଁ ଅଧିକ ସ୍ୱାଧୀନତା ପାଇବା ସତ୍ତ୍ୱେ ଅଧ୍ୟକ୍ଷ ଏବେ ବି ହସ୍ତକ୍ଷେପ କରିପାରିବେ, ଜଣେ ବିଡିଓଙ୍କ ଦ୍ୱାରା କରାଯାଇଥିବା ଦେୟକୁ ଅବରୋଧ କରିପାରିବେ ଏବଂ ନିଶ୍ଚିତ କରିପାରିବେ ଯେ କୌଣସି ଟଙ୍କା ବୈଧାନିକ ନିର୍ଦ୍ଦେଶାବଳୀ ବିରୁଦ୍ଧରେ ନଯାଏ । ସରକାର ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରକ୍ରିୟା (ସଂଶୋଧନ) ନିୟମ ପରିବର୍ତ୍ତନ କରିବା ଏବଂ ବିଡ଼ିଓମାନଙ୍କର ସ୍ୱାଧୀନ ଖର୍ଚ୍ଚ ସୀମା ୨ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି କରିବା ପରେ ବିବାଦ ଆରମ୍ଭ ହୋଇଥିଲା । ଏହା ନିଆଳି ବ୍ଲକ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ପକ୍ଷରୁ ଏକ ଆଇନଗତ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା, ଯିଏ ଯୁକ୍ତି ଦେଇଥିଲେ ଯେ ୧୦ ଲକ୍ଷ ପର୍ଯ୍ୟନ୍ତ ପରିମାଣ ପାଇଁ ଅଧ୍ୟକ୍ଷଙ୍କ ସ୍ୱାକ୍ଷରକୁ ଏଡ଼ାଇବା ଦ୍ୱାରା ନିର୍ବାଚିତ ଅଧିକାରୀମାନେ ଜାଣିପାରିବେ ନାହିଁ ଏବଂ ସେମାନଙ୍କୁ ସଠିକ୍ ଭାବରେ ସେମାନଙ୍କର କାମ କରିବାରୁ ବାଧା ମିଳିବ । କିନ୍ତୁ ହାଇକୋର୍ଟଙ୍କ ନିଷ୍ପତ୍ତି ସହିତ, ବିଡ଼ିଓ ମାନଙ୍କର ୧୦ ଲକ୍ଷ ଖର୍ଚ୍ଚ ସୀମା ଦୃଢ଼ ରହିଛି ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



